# ମିଲେଟ୍ ଗବେଷଣାରେ ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟର ସଫଳତା



**ବାରିପଦା, ୮ ।୧(ସମିସ):** ଆନ୍ତର୍ଜାତିକ ମିଲେଟ୍ ବର୍ଷରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟକୁ ମିଲେଟ୍ ଗବେଷଣାରେ ଏକ ବଡ଼ ଧରଣର ସଫଳତା ମିଳିଛି। ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ଗାର୍ଗୀ ମହାନ୍ତି ଓ ତାଙ୍କର ୪ଜଣ ଛାତ୍ରଛାତ୍ରୀଙ୍କ ଗବେଷଣା ଆଧାରରେ ବାଙ୍ଗାଲୋରସ୍ଥିତ ସ୍କର୍ଥ ହେଲ୍‌ଥ୍‌କେୟାର ଲିମିଟେଡ୍ ତାର ଉତ୍ପାଦଗୁଡ଼ିକ ବଜାରକୁ ଆସିଛି। ଏହି ଗବେଷଣା ଦ୍ୱାରା ଏହି ମିଲେଟ ଆଧାରିତ ଉତ୍ପାଦଗୁଡିକରେ ପୁଷ୍ଟିକର ତତ୍ତ୍ୱ ଓ ରୋଗ ପ୍ରତିରୋଧକ ଉପାଦାନଗୁଡ଼ିକର ଅଭିବୃଦ୍ଧି ଘଟିବା ସହ ଯେଭଳି ସମସ୍ତ ବୟସ ବର୍ଗର ଲୋକ ବ୍ୟବହାର କରିପାରିବେ ସେ ଦିଗକୁ ଧ୍ୟାନ ଦିଆଯାଇଛି। ଏଥି ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଡ. ଗାର୍ଗୀଙ୍କୁ ଅଭିବାଦନ ଜଣାଇଛନ୍ତି। ଆନ୍ତର୍ଜାତିକ ମିଲେଟ୍ ବର୍ଷରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଏଭଳି ଏକ ଗବେଷଣାର ସଫଳତା ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛି ବୋଲି ସେ ଖୁସି ବ୍ୟକ୍ତ କରିଛନ୍ତି। ଏଭଳି ଶିଳ୍ପ ସହ ସହଭାଗିତା ବିଶ୍ୱବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତିରେ ସହାୟକ ହେବା ସହ ଆଗାମୀ ଦିନରେ ଏ ଦିଗରେ ଗବେଷଣା ଅଧିକ ପରିବ୍ୟାପ୍ତ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଏ ନେଇ ଆଜି ବିଶ୍ୱବିଦ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସ୍କର୍ଥ ହେଲ୍‌ଥ୍‌କେୟାର ଲିମିଟେଡ୍‌ର ସିଇଓ ସୁଦର୍ଶନ ପରିଡ଼ା ଆନ୍ତର୍ଜାତୀୟ ବଜାର ପାଇଁ ମିଲେଟ ଆଧାରିତ ପୁଷ୍ଟିକର ଉତ୍ପାଦର ବିକାଶ ଓ ଗବେଷଣାକୁ ଆଗେଇ ନେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି ବୋଲି ମତପୋଷଣ କରିଥିଲେ।

# ଆଜି ୬ ଘଣ୍ଟା ବିଦ୍ୟୁତ୍ କାଟ୍

**ବାରିପଦା, ୮ ।୧(ସମିସ):** ମରାମତ ପାଇଁ ବାରିପଦା ସହରରେ ମଙ୍ଗଳବାର ୬ଘଣ୍ଟା ବିଦ୍ୟୁତ କାଟ ହେବ। ମଙ୍ଗଳବାର ଗ୍ରୀଡର ୩୩ କେଭି ଲାଇନ ମରାମତି ନିମନ୍ତେ ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ସକାଳ ସାଢେ ୯ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଏ ନେଇ ଟାଟା ପାୱାର ନର୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କ ଅବଗତି ନିମନ୍ତେ ଜଣାଇବା ସହ ସହଯୋଗ କାମନା କରାଯାଇଛି।

### ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

# ୨୫ କୁନି ବୈଜ୍ଞାନିକ ପୁରସ୍କୃତ



**ବାରିପଦା, ୮ ।୧(ସମିସ):** ସ୍ଥାନୀୟ ଏମ୍‌କେସି ସରକାରୀ ଉଚ୍ଚବିଦ୍ୟାଳୟରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୭ ତାରିଖରେ ଉଦ୍‌ଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀ ବେହେରା, ବବିତା ସିଂ, ହରପ୍ରିୟା ନାଏକ, ସିପ୍ରା ବେରା, ପୂର୍ଣ୍ଣିମା ମୁଣ୍ଡା, ରଶ୍ମିରଞ୍ଜନ ମହାନ୍ତ, ଚାଣକ୍ୟ ଦଲେଇ, ଆଶିଷ କୁମାର ଗିରିଙ୍କୁ ପୁନଃଥଇଥାନ ଯୋଜନାରେ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଡା ବୁଡାନ୍ ମୁର୍ମୁ ଓ କେବିକେ ଯଶିପୁରର ବରିଷ୍ଠ ବୈଜ୍ଞାନିକ ଡ. ଦୀପକକୁମାର ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି, ନିତ୍ୟାନନ୍ଦ ବାରିକ୍ ଦିପ୍ତୀ ନାୟକ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ପ୍ରମୁଖ ଯୋଗଦେଇ ୫ଟି ଉପବିଷୟ ବସ୍ତୁରେ ଯୋଗ ଦେଇଥିବା ୧୫୦ଟି ପ୍ରକଳ୍ପ ମଧ୍ୟରୁ ୨୫ଟି ମନୋନୀତ ହୋଇଥିବା କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରିଥିଲେ। ଏମାନେ ଆସନ୍ତା ୯ ତାରିଖରୁ ୧୨ ତାରିଖ ମଧ୍ୟରେ ବିଆଇଟିଏମ୍ କଲକାତାରେ ହେବାକୁ ଥିବା ପୂର୍ବାଞ୍ଚଳ ଜୋନ୍ ସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ପରିଚୟ ଓ ଶିକ୍ଷକ ରଞ୍ଜନ କୁମାର ନନ୍ଦମଞ୍ଜ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ସୋମନାଥ ସିଂ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ସମସ୍ତ ଜିଲ୍ଲାରୁ ଆସିଥିବା କୁନି ନୈଜ୍ଞାନିକ, ମାର୍ଗଦର୍ଶକ ଶିକ୍ଷକ ଓ ସମସ୍ତ କର୍ମଚାରୀଙ୍କ ସହଯୋଗରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସଫଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲାବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଆରଡିସିଙ୍କ ବୁଢ଼ାବଳଙ୍ଗ ହାଇଲେଭଲ ପୋଲ ନିର୍ମାଣ ସମୀକ୍ଷା

# ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

ବାରିପଦା, ୮ ।୧(ସମିସ)

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ (ଆରଡିସି) ସୁରେଶଚନ୍ଦ୍ର ଦଳେଇ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ନୀରିକ୍ଷଣ ଓ ସମୀକ୍ଷା କରିଛନ୍ତି। ଏହି ଅବସରରେ ସୋମବାର ପୂର୍ବାହ୍ନରେ ବାରିପଦା ସହରର ମଧୁବନ-ପୋଡାଅସ୍ତିଆରେ ବୁଢାବଳଙ୍ଗ ନଦୀ ଉପରେ ନିର୍ମାଣାଧୀନ ହାଇଲେଭଲ ପୋଲ ପରିଦର୍ଶନ କରିଛନ୍ତି।

- ମନ୍ଥର ନିର୍ମାଣ ନେଇ ଅସନ୍ତୋଷ
- ବିଭିନ୍ନ ପ୍ରକଳ୍ପର କଲେ ନିରୀକ୍ଷଣ ଓ ସମୀକ୍ଷା



ପୋଲ ନିର୍ମାଣ ଓ ସଂଯୋଗୀକରଣ ରାସ୍ତା କାର୍ଯ୍ୟର ଅହେତୁକ ବିଳମ୍ବକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବ ଗସ୍ତ ସମୟରେ ମଧ ସେ ଅନୁରୂପଭାବେ ଅସନ୍ତୋଷ ପ୍ରକଶ କରିଥିଲେ। କାର୍ଯ୍ୟ ଶେଷ କରିବାର ଅବଧି ତାରିଖ ବାରମ୍ବାର ବୃଦ୍ଧି କରାଯାଉଥିବା ବେଳେ ସମ୍ପୂର୍ଣ୍ଣ ହେଉନାହିଁ। ବାରିପଦା-ଉଦଳା ୧୯ ନମ୍ବର ରାଜ୍ୟ ରାଜପଥର ବୁଢାବଳଙ୍ଗ ନଦୀ ଉପରେ ଏହି ହାଇଲେଭଲ ପୋଲ ନିର୍ମାଣ ନିମନ୍ତେ ୨୭କୋଟି ୨୯ଲକ୍ଷ ୮୦ ହଜାର ୨୦୮ ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ହୋଇ କାର୍ଯ୍ୟ ଜାରି ରହିଛି। ୨୯୨ମିଟରର ଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ତାରିଖ ୨୦୧୭ ମେ ୧୨ ଓ କାର୍ଯ୍ୟ ସମାପ୍ତି ତାରିଖ ୨୦୧୮ ଡିସେମ୍ବର ୧୧ ଉଲ୍ଲେଖ ରହିଥିଲା। କିନ୍ତୁ ଠିକା ସଂସ୍ଥା କରିଥିବା ଚୁକ୍ତିନାମା ଅନୁସାରେ ପୋଲର ନିର୍ମାଣ ପରିସମାପ୍ତିର ଧାର୍ଯ୍ୟ ସମୟ ଅତିକ୍ରମ କରିଯାଇଥିଲେ ମଧ ଶେଷ ହୋଇନି। ୨୦୧୮ ମସିହା ପରେ ୨୦୧୯ ଜାନୁଆରୀ ୧୧ତାରିଖ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ତାରିଖ ଅବଧି ବଢ଼ିଥିବା ବେଳେ ବର୍ତ୍ତମାନ ୪ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ମଧ ନିର୍ମାଣ ଶେଷ ହେଉନାହିଁ। ଗତ ଅକ୍ଟୋବର ୬ତାରିଖରେ ଆରଡିସି ଜିଲ୍ଲା ଗସ୍ତ ଅବସରରେ ଉକ୍ତ ପୋଲ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରି ଜାନୁଆରୀ ସୁଦ୍ଧା ନିର୍ମାଣ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ସେ ବିରକ୍ତି ପ୍ରକାଶ କରିଛନ୍ତି। ତୁରନ୍ତ କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆରଡିସି ଶିବିର(କ୍ୟାମ୍ପ) କୋର୍ଟରେ ଉପସ୍ଥିତ ରହି ରାଜସ୍ୱ ଓ ଅନ୍ୟାନ୍ୟ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗର ସମାଧାନ କରିଥିଲେ। ଏଥିସହିତ ସଦଭାବନା ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ ଅଫିସର ସମସ୍ତ ରାଜସ୍ୱ ସମ୍ବନ୍ଧୀୟ ତଥ୍ୟ ନିରୀକ୍ଷଣ କରିଥିଲେ। ରାଜସ୍ୱକୁ ସଠିକ୍ ଭାବେ ବିନିଯୋଗ କରିବା ପାଇଁ ସମସ୍ତ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କିପରି ସମାପ୍ତ ହେବ ସେ ବିଷୟରେ ତଦାରଖ କରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ପୂର୍ତ୍ତ ବିଭାଗର ନିର୍ବାହୀ ଅଧିକାରୀ ରୋହନ ଗୌରବ ରାୟ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଏମ୍‌ପିସି କଲେଜ ପ୍ଲାଟିନମ୍ ଜୁବୁଲି ସମାରୋହ ଉଦ୍‌ଯାପିତ

# ଚିତ୍ତାକର୍ଷକ ସାଂସ୍କୃତିକ ଶୋଭାଯାତ୍ରାର ସହର ପରିକ୍ରମା




**ବାରିପଦା, ୮ ।୧ (ସମିସ):** ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଚାଲିଥିବା ପ୍ଲାଟିନମ୍ ଜୁବୁଲିର ସମାରୋହର ରବିବାର ଉଦଯାପିତ ହୋଇଯାଇଛି। ପୂର୍ବାହ୍ନରେ ଏକ ଆକର୍ଷଣୀୟ ସାଂସ୍କୃତିକ ଶୋଭାଯାତ୍ରା ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲର ପରିସରରୁ ବାହାରି ବାଣ୍ଟିଆ ଜଗନ୍ନାଥ ମନ୍ଦିର, ମୁଖ୍ୟ ମାର୍କେଟ ଛକ, କୃଷ୍ଣଚନ୍ଦ୍ର ଗୋଲେଇ, ଶ୍ରୀଶ୍ରୀ ହରିବଳଦେବଜୀଉ ବଡ ଜଗନ୍ନାଥ ମନ୍ଦିର, ବାରିପଦା ଟାଉନ ଥାନା ଦେଇ ପୁରୁଣା ରାଜବାଟୀସ୍ଥ କଲେଜଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାକୁ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏହି ଶୋଭାଯାତ୍ରାରେ ପ୍ଲାଟିନମ ଜୁବୁଲି କମିଟିର ସଭାପତି ତଥା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସମେତ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ବୀରଭଦ୍ର ସିଂ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ କିଶୋର ଦାସ ଓ ଛତିଶଚନ୍ଦ୍ର ଧଳ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ପୁରାତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷ ମୁକ୍ତିକାନ୍ତ ପଣ୍ଡା, ପରିଚାଳନା ପରିଷଦର ଚେୟାରପର୍ସନ ଡ. ମେଜର କଳ୍ପନା ଦାସ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ମହାବିଦ୍ୟାଳୟର ଏନ୍‌ସିସି, ରେଡକ୍ରସ, ଏନ୍‌ଏସ୍‌ଏସ୍, ଛାତ୍ରଛାତ୍ରୀ ସାମିଲ ଥିଲେ। ଆଲୁମିନି ଆସୋସିଏସନର ସଭାପତି ଡ. ବିଜୟ କୁମାର ଅଗ୍ରୱାଲା ଓ ସମ୍ପାଦକ ଇଂ. ବିପ୍ଳବ ବୁଗୁଡେଇ, ପ୍ଲାଟିନମ ଜୁବୁଲି କମିଟିର ମୁଖ୍ୟ ସଂଯୋଜକ ପ୍ରୀତିଶ ବସା, ସମ୍ପାଦକ କଳିଙ୍ଗ କେଶରୀ ଜେନା ଓ କୋଷାଧକ୍ଷ ପୂର୍ଣ୍ଣେନ୍ଦୁ ଦାସ ଏବଂ ଜୁବୁଲି ସ୍ମରଣିକାର ମୁଖ୍ୟ ସମ୍ପାଦକ ଡ. ସୁଶାନ୍ତ କୁମାର ବସା, ସାଂସ୍କୃତିକ କମିଟିର ଆବାହକ ଚିନ୍ମୟ ଦାସ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବର୍ତ୍ତମାନର ଜାତୀୟ ସ୍ମାରକୀ ଅଥରିଟିର ଅଧକ୍ଷ ପ୍ରଫେସର ଡ. କିଶୋର ବସା, ୱାର୍ଲ୍ଡ ଫେଡେରେସନ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନର କାର୍ଯ୍ୟନିର୍ବାହୀ ଉପସଭାପତି ଇଂ. ଅଶୋକ ବସା, ଜର୍ମାନରୁ ଆସିଥିବା ଡ. ଶିବାଶିଷ ଗିରିଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ, ଅଧକ୍ଷା ଏବଂ ଅଧ୍ୟାପକ, ଅଧ୍ୟାପିକା ଏବଂ ବିଭିନ୍ନ ବର୍ଗ ତଥା ଶ୍ରେଣୀର ପୁରାତନ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ପୁରାତନ ଛାତ୍ରସଂସଦର ସଭାପତି ଓ ଅନେକ ପ୍ରତିଷ୍ଠିତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୟୂରୀ ରୟାଲ୍‌ସ ପ୍ରିମିୟର ଲିଗ୍‌ର ସପ୍ତମ ଦିନ



**ବାରିପଦା, ୮ ।୧(ସମିସ):** ମୟୂରୀ ରୟାଲସ୍ ପ୍ରିମିୟର ଲିଗ୍‌ର ସପ୍ତମ ଦିନ ଖେଳର ପ୍ରଥମ ମ୍ୟାଚରେ ମା' ଅମ୍ବିକା ୱାରିୟର୍ସ, ମୟୂରଭଞ୍ଜ ଷ୍ଟ୍ରାଇକର ଦଳକୁ ୧୦ ରନ୍‌ରେ ପରାସ୍ତ କରିଛି। ଶୁଭାଶିଷ ଧିର ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଥ୍ରୀଲର ଦଳ ଏମକେସିସି ଦଳକୁ ୭ ୱିକେଟ୍‌ରେ ପରାସ୍ତ କରିଛି। ସାମ୍ ଶେର ଆଲମ୍ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ୍‌ରେ ଶ୍ମାଶାର ଦଳ ଜଗନ୍ନାଥ ୱାରିୟର୍ସ ଦଳକୁ ୧ ରନ୍‌ରେ ପରାସ୍ତ କରିଥିଲା। ସଞ୍ଜୟ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଛି। ଚତୁର୍ଥ ମ୍ୟାଚ୍‌ରେ ଏମାରଜିଂ ଟାଇଟନ ଦଳ ଟିମ ଆନିମଲ ଦଳକୁ ୪ ୱିକେଟ୍‌ରେ ପରାସ୍ତ କରିଥିଲା। ପ୍ରୀତମ୍ ବେହେରା ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶେଷ ଖେଳରେ ଅତିଥି ଭାବେ ୨୫ ନମ୍ବର୍ ୱାର୍ଡ କାଉନସିଲର ଦେବାଶିଷ ପାତ୍ର ଓ ୧୨ ନଂ. ୱାର୍ଡ କାଉନସିଲର ମହେଶ ଭଞ୍ଜଦେଓ ଯୋଗଦେଇଥିଲେ। ମ୍ୟାଚ୍‌କୁ ଆମ୍ପାୟାର ଭାବେ ଇନ୍ଦ୍ରଜିତ ପ୍ରସାଦ, ପ୍ରବୀର୍ ମୋଦି ପରିଚାଳନା କରିଥିବା ବେଳେ ରାଜେଶ ସାହୁ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ସମ୍ବିତ ମହାରଣା ଓ ରାମଚନ୍ଦ୍ର ଟୁଡୁ ସହାୟତା କରିଥିଲେ।

# ୧୬ରୁ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ୍ (ସ୍କୁଲ) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ପଞ୍ଜୀକରଣ

**ବାରିପଦା, ୮ ।୧(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ (ସ୍କୁଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୬ରୁ ୩୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ କେବଳ ୭ମରୁ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ର ଅଂଶ ଗ୍ରହଣ କରିପାରିବେ। ଇଚ୍ଛୁକ ଖେଳାଳି ନିଜର ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡ, ସ୍କୁଲ ପରିଚୟପତ୍ର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ପ୍ରିନ୍ସପାଲଙ୍କ ଘୋଷଣା ଚିଠି ସହ ବାରିପଦା ଷ୍ଟାଡିୟମ ଅଫିସରେ ଚଳିତ ମାସ ୧୪ ତାରିଖ ସୁଦ୍ଧା ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ। ଏଥିସହିତ ଏକ ବିଦ୍ୟାଳୟ ମଧ୍ୟ ନିଜର ୧୫ ଜଣିଆ ଦଳକୁ ପଞ୍ଜୀକରଣ କରିପାରିବେ ବୋଲି କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ଏହି ଦଳରେ ୭ମ ଓ ୮ମ ଶ୍ରେଣୀର ୩ ଜଣ ଲେଖାଏଁ, ୯ମର ୪ ଜଣ ଏବଂ ୧୦ମର ୫ଜଣ ଖେଳାଳି ରହିବା ଅନିବାର୍ଯ୍ୟ ବୋଲି କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି।

### ମୟୂରଭଞ୍ଜ ଭେଟେରାନ୍ 'ଟି-୧୦' କ୍ରିକେଟ୍

# ଆଟାକ୍-୧୧ ଚାମ୍ପିଅନ




**ବାରିପଦା, ୮ ।୧(ସମିସ):** ବାରିପଦା କଲେଜ ପଡ଼ିଆରେ ସିକ୍ରେଟ-୧୧ ଆନୁକୂଲ୍ୟରେ ଚାଲିଥିବା ମୟୂରଭଞ୍ଜ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଆଟାକ-୧୧ ଦଳ ମା' ଅମ୍ବିକା ୱାରିୟର୍ସକୁ ୫୩ ରନରେ ପରାସ୍ତ କରି ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଆଟାକ-୧୧ ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୧୦୬ ରନ କରିଥିଲା। ଦଳ ପକ୍ଷରୁ ବାଣିଦତ୍ତ ପରିଡ଼ା ୩୧ ଓ ଭରତ ସ୍ୱାଇଁ ୨୨ ରନ କରିଥିବାବେଳେ ବିପକ୍ଷ ଦଳର ବିକ୍ରମ ବର୍ମା, ଗଦାଧର ନାୟକ ଓ ଲକ୍ଷ୍ମୀଧର ସିଂ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ମା' ଅମ୍ବିକା ୱାରିୟର୍ସ ୫.୪ ଓଭରରେ ୨ଉଇକେଟ ହରାଇ ୫୩ ରନ କରିଥିଲା। ଦଳ ପକ୍ଷରୁ ଅମିତ ବିଶ୍ୱାସ ୨୨ ଓ ଦେବାଶିଷ ଗୁପ୍ତା ୨୦ ରନ କରିଥିଲେ। ଅତିଥି ଭାବେ ଜିଲ୍ଲା ବାର ଆସୋସିଏସନର ଉପ ସଭାପତି ସୁଜାତା ମିଶ୍ର, ରୋଟାରୀ କ୍ଲବର ପୂର୍ବତନ ସଭାପତି ରାକେଶ ସିଂ, ସିନେ ନିର୍ଦ୍ଦେଶକ ଓ ପ୍ରଯୋଜକ ସଞ୍ଜୀବ ଦ୍ୱିବେଦୀ ପୂର୍ବତନ କ୍ରିକେଟ ଖେଳାଳି ଅମୀୟ ବଳ, ସୋମନାଥ ସିଂହ, ଅରୁଣ କୁମାର ବାରିକ ଓ ସତ୍ୟନାରାୟଣ ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚମ୍ପିଅନ ଦଳ ତଥା ରନର୍ସ ଅପ ଦଳକୁ ଟ୍ରଫି ସହ ସତ୍ୟ ସୁଷମା ମେମୋରିଆଲ ଟ୍ରଷ୍ଟର ଫାଉଣ୍ଡର ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଦେଇଥିବା ଯଥାକ୍ରମେ ୬୦୦୦ ଓ ୪୦୦୦ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ଦୀପକ ବେହେରା, ବୋଲର ଭାବେ ପାର୍ଥ ଦେ, ଫିଲଡର ଭାବେ ମଳୟ ମହାନ୍ତି ଓ ଶ୍ରେଷ୍ଠ ଖେଳାଳିଭାବେ ଅମିତ ବିଶ୍ୱାସ ପୁରସ୍କୃତ ହୋଇଥିଲେ।

### ଶେଷ ହେଲା ତାଲିମ; ବୁଧବାରଠାରୁ ଜିଲ୍ଲାରେ ପକ୍ଷୀଗଣନା

# ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା କରାଯିବ ରେକର୍ଡ

ବାରିପଦା, ୮ ।୧(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ବୁଧବାରଠାରୁ ପକ୍ଷୀ ଗଣନା ଆରମ୍ଭ ହେବ। ଜିଲ୍ଲାର ଶିମିଳିପାଳ ଓ ସମସ୍ତ ବନଖଣ୍ଡ ଗୁଡ଼ିକରେ ଏହି ଗଣନା କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ବାରିପଦା ବନଖଣ୍ଡ ଅଧିକାରୀ (ଡିଏଫଓ)ଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ବନସଂରକ୍ଷକ ରବିନାରାୟଣ ମହାନ୍ତି ବନ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ପ୍ରତିବର୍ଷ ଶୀତ ଋତୁ ପ୍ରାରମ୍ଭରେ ଏହି ପକ୍ଷୀ ଗଣନା ଆରମ୍ଭ ହୋଇଥାଏ। ଶିମିଳିପାଳ ଅଭୟାରଣ୍ୟ ତଥା ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଳଭଣ୍ଡାର, ଆଦ୍ରଭୂମି ସହ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ପକ୍ଷୀଗଣନା କରାଯିବ। ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ଟି ବନାଞ୍ଚଳର ୪୦ଟି ଆଦ୍ରଭୂମିରେ ଗଣନା କରାଯିବା ନେଇ ସ୍ଥିର ହୋଇଛି। ବୁଧବାର ଓ ଗୁରୁବାର ଦୁଇ ଦିନ ୧୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳର ଜଳାଶୟରେ ଗଣନା କରିବେ। ବନ କର୍ମଚାରୀଙ୍କ ସମେତ ଓୟୁଏଟି ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବନ୍ୟପ୍ରାଣୀ ବିଭାଗର ଛାତ୍ରଛାତ୍ରୀ ମଧ୍ୟ ସାମିଲ ହେବେ। ସକାଳ ୭ରୁ ଦିନ ୧୧ଟା ପର୍ଯ୍ୟନ୍ତ ଗଣନା ହେଉଥିବା ବେଳେ ଏହାର ରିପୋର୍ଟ ରାଜ୍ୟସ୍ତରକୁ ହସ୍ତାନ୍ତର କରାଯିବ। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ସେମାନଙ୍କ ଗତିବିଧିକୁ ଲକ୍ଷ୍ୟରେ ରଖାଯାଇଛି। ଶୀତ ଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିମି ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥାନ୍ତି। ବିଦେଶାଗତ ପକ୍ଷୀ ଜମ୍ପିରା, ହଳଦିଆ, ବଡ଼ଯୋଡ, ରାଜାବନ୍ଧ, କାଳ, ନେସା, ବାଙ୍କବଳ, ସୁଲେଇପାଟ (ଖଡଖାଇ) ପରି ବୃହତ ଜଳାଶୟରେ ଆଶ୍ରୟ ନେଇଥାନ୍ତି। ପକ୍ଷୀମାନଙ୍କ ପ୍ରଜାତି ତାଙ୍କର ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କର ସଂଖ୍ୟାର ଆକଳନ କରାଯାଇଥାଏ। ବନବିଭାଗର ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନ କର୍ମଚାରୀମାନେ ପକ୍ଷୀ ଗଣନା କରିବେ। ଜିଲ୍ଲାରେ ଥିବା ଜଳଉତ୍ସରେଗୁଡିକରେ ଘରୋଇ ପକ୍ଷୀଙ୍କ ସହ ଗଡ଼ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ, ହୁଇସିଲ ବାର୍ଡ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ପୂର୍ବ ବର୍ଷ ଭଳି ଆସିଥିବା ସୂଚନା ମିଳିଛି। ଜିଲ୍ଲାରେ ପୂର୍ବ ବର୍ଷ ଅପେକ୍ଷା ଏଥର ଅଧିକ ଶୀତ ଅନୁଭୂତ ହେଉଥିବାରୁ ଅଧିକ ବିଦେଶୀ ପକ୍ଷୀ ଆସିବାର ସମ୍ଭାବନା ରହିଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ସୂଚନା ଦେଇଛନ୍ତି।




ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

ସକାଳ
THE SAKALA



# ଜୟ ଜଗନ୍ନାଥ ଧ୍ୱନିରେ କମ୍ପୁଛି ଗାଁଠୁ ସହର

କେନ୍ଦୁଝର, ୮।୧(ସମିସ)














ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଅବସରରେ ପ୍ରତି ଜିଲ୍ଲାରେ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। କେନ୍ଦୁଝର ଜିଲ୍ଲାରେ ମଧ୍ୟ ପ୍ରତି ବ୍ଲକ୍, ପ୍ରତି ପଞ୍ଚାୟତ ଏବଂ ପ୍ରତି ଗାଁକୁ ରଥ ଗଡ଼ିବା ଆରମ୍ଭ ହୋଇଛି। ଜିଲ୍ଲାର ୧୩ ଗୋଟି ବ୍ଲକ୍ ଏବଂ ୫ଟି ପୌରସଂସ୍ଥା ଅନ୍ତର୍ଗତ କ୍ଷେତ୍ରରେ ଘରକୁ ଘର ବୁଲି ଏହି ରଥ ଚାଉଳ, ଗୁଆ ଓ ନଡ଼ିଆ ଇତ୍ୟାଦି ସଂଗ୍ରହ କରୁଛି। ଅଗଣିତ ଜଗନ୍ନାଥପ୍ରେମୀ ଅତି ସରାଗରେ ନିଜ ପରିବାରର ମୁରବୀ ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ଚାଉଳ ଓ ଗୁଆ ସମର୍ପି ଦେଉଛନ୍ତି। ଏହି ରଥ ଜିଲ୍ଲାର ଯେଉଁ ସ୍ଥାନରେ ପହଞ୍ଚୁଛି, ସେଠି ଭକ୍ତିର ଅପୂର୍ବ ପରିବେଶ ସୃଷ୍ଟି କରୁଛି। ଖୋଳ କୀର୍ତ୍ତନ ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ଗାଁ କମ୍ପୁଛି। ମା' ମାନେ ରାସ୍ତାରେ ଝୋଟି ପକାଇ, ହୁଳହୁଳି

**ପ୍ରତି ଘରୁ ସଂଗ୍ରହ ହେଉଛି ଚାଉଳ ଓ ଗୁଆ**

ଦେଇ, ଧୂପ ଦୀପ ଜାଳି, ବନ୍ଦାପନା କରି ରଥକୁ ସ୍ୱାଗତ କରୁଛନ୍ତି। ଏହି ଅର୍ପଣ ରଥ ସମଗ୍ର ଜିଲ୍ଲାରେ ଜଗନ୍ନାଥ ସଂସ୍କୃତିକୁ ଯେଭଳି ମହିମାନ୍ୱିତ କରିଛି।

**ବାଲିବନ୍ଧ:** ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟରେ ବିଡିଓ ହୃଦାନନ୍ଦ ଅଡ୍ଡା ଅର୍ପଣ ରଥକୁ ଉଦ୍‌ଘାଟନ କରିବା ପରେ ଏହା ଧନୁର୍ଜୟପୁର ଓ ବଡ଼ନେଉଳି ପଞ୍ଚାୟତର ସମସ୍ତ ଗ୍ରାମରେ ପରିକ୍ରମା କରିଥିଲା। ସୋମବାର ଝୁମ୍ପୁରା ଓ ଗୁଣ୍ଡୁଣିଆଁ ପଞ୍ଚାୟତ ପୁରପଲ୍ଲୀରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ଏହି ରଥ ସାହିବସ୍ତିରେ ପରିକ୍ରମା କରି ପ୍ରତ୍ୟେକଙ୍କ ଘରୁ ଅକ୍ଷତ ଭାବେ ଚାଉଳ ଓ ଗୁଆ ସଂଗ୍ରହ କରିଛି। ଝୁମ୍ପୁରା ପଞ୍ଚାୟତରେ ଆୟୋଜିତ ଅର୍ପଣ ରଥ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ସ୍ଥାନୀୟ ସରପଞ୍ଚ ରେବତୀ ବିରୁଆ, ସମିତି ସଭ୍ୟ କୁଞ୍ଜବିହାରୀ ନାଏକ, ନାଏବ ସରପଞ୍ଚ ଶିବାନୀ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଫୁଲମଣୀ ନାଏକଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

**ହାଟଡିହି/ଛେନାପଦି:** ଜୟ ଜଗନ୍ନାଥ ସମର୍ପଣ ରଥ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଶୁଭାରମ୍ଭ ହୋଇଛି। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିଲା ପରିଷଦ ସଭ୍ୟା କୌଶଲ୍ୟା ସେଠୀ ଓ ସୁକାନ୍ତୀ ଜେନା ଉପସ୍ଥିତ ରହି ପତାକା ହଲାଇ ଶୁଭାରମ୍ଭ କରିଥିଲେ। ହାଟଡିହି ବ୍ଲକର ଆଇତିପୁର, ଡଆଁର, ସଡ଼ଙ୍ଗ, ଆମ୍ବୋ, ଅକାରୁଆ, ପଢ଼ିଆରୀପଲ୍ଲୀ, ହଦଗଡ଼, ସଡ୍ଡା ଆଦି ପଞ୍ଚାୟତକୁ ରଥ ଯାଇ ଘରେ ଘରେ ବୁଲି ଅକ୍ଷତ ଭାବେ ଚାଉଳ, ଗୁଆ, ନଡ଼ିଆ ସଂଗ୍ରହ କରିଥିଲା। ଏ ନେଇ ଗାଁ ଗଣ୍ଡାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମ ସମୟରେ ଅଭିମନ୍ୟୁ ସେଠୀ, ସରପଞ୍ଚ ଚିନ୍ମୟ ନାୟକ, ରବିନ୍ଦ୍ର ଜେନା, ଜଗବନ୍ଧୁ କାଣ୍ଡି, ବିଜୟ, ଦିଲ୍ଲୁ, ଅନ୍ତର୍ଯ୍ୟାମୀ ଖଣ୍ଡେଇ,ସୁରେନ୍ଦ୍ର ଜେନା, ଦିନେଶ ସେଠୀ, ରମାକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ଚମ୍ପୁଆ:** ଚମ୍ପୁଆ ଏନ୍‌ଏସି ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଭାବ ଓ ଭକ୍ତିର ସହିତ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଓ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପୂଜାର୍ଚ୍ଚନା କରିବା ପରେ ଏହି ରଥ ଏନ୍‌ଏସିର ୧ ନମ୍ବର ୱାର୍ଡ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଭଜନ, କୀର୍ତ୍ତନ ଓ ଆଧ୍ୟାତ୍ମିକ ପରିବେଶରେ ଏହା ଘରକୁ ଘର ବୁଲିବା ସହିତ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଏନଏସିର ସମସ୍ତ କର୍ମଚାରୀ, ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନିୟ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ଘସିପୁରା:** ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତରେ ଆଜି ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ରଥକୁ ଭବବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ପରେ ରଥ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ସାହି ପରିକ୍ରମା କରିଛି। ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଘସିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ସମିତି ସଭ୍ୟ ମନ୍ମଥ କୁମାର ସାହୁ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତିରେ ନୂଆଗାଁ ଛକରେ ପୂଜାର୍ଚ୍ଚନା କରାଯାଇ ଘରକୁ ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରାଯାଇଥିଲା। ମିଶନଶକ୍ତି ମାଆମାନେ ରାସ୍ତାରେ ନାନା ପ୍ରକାର ରଙ୍ଗୋଲି ଆଙ୍କି ରଥକୁ ସ୍ୱାଗତ କରିଥଲେ। ଜଗନ୍ନାଥ ସଂସ୍କୃତି ଓ ସଦ୍‌ଭାବନା ସୃଷ୍ଟି ପାଇଁ ବୁଲୁଥିବା ପରିକ୍ରମା ରଥରୁ ସଂଗୃହୀତ ହୋଇଥିବା ଚାଉଳ ଓ ଗୁଆକୁ ପଞ୍ଚାୟତ ସ୍ତରରେ ଚିହ୍ନଟ ହୋଇଥିବା ବଡପଦନା ମା' ଖଣ୍ଡୁରୀ ପୀଠରେ ରଖାଯିବ। ପରବର୍ତ୍ତୀ ସମୟରେ ଗାଁରୁ ସଂଗୃହିତ ଚାଳକ ଓ ଗୁଆକୁ ଶ୍ରୀମନ୍ଦିର ପଠାଯିବ ବୋଲି ଜଣାପଡିଛି।

**ଆନନ୍ଦପୁର:** ଆନନ୍ଦପୁର ପୌରାଞ୍ଚଳର ୩ ଓ ୪ନଂ ୱାର୍ଡରେ ଅକ୍ଷତ ସଂଗ୍ରହ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ସଂଯୋଜନାରେ ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନସିଲର ରଶ୍ମିତା ବାରି, ଯୁବ ବିଜେଡି ସଭାପତି ରାକେଶ ରାମ, ସାଧାରଣ ସମ୍ପାଦକ ସତ୍ୟବ୍ରତ ରାମ ପ୍ରମୁଖ ଯୋଗ ଦେଇ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଶ୍ରୀଶ୍ରୀ ଦଧିବାମନଜିଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବଡ଼ଦାଣ୍ଡରୁ ଏହି ରଥ ବାହାରି ୩ ଓ ୪ନଂ ଓାର୍ଡର ବିଭିନ୍ନ ସାହିବସ୍ତିରେ ପରିଭ୍ରମଣ କରିଥିଲା। ଏହି ରଥର ପରିକ୍ରମାରେ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ଦଳ, ଶ୍ରୀପତିତପାବନ ସଂକୀର୍ତ୍ତନ ଦଳର ଗୌର ଭକ୍ତମାନେ ମୃଦଙ୍ଗ, ଘଣ୍ଟ, ଖୋଳ ଓ କରତାଳ ସହିତ ଜୟଜଗନ୍ନାଥ ଧ୍ୱନିରେ ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ। ରଥ ପରିକ୍ରମା ଶୋଭାଯାତ୍ରାରେ ଶହ ଶହ ମହିଳା ପରିଭ୍ରମଣ କରୁଥିବା ବେଳେ ବିଭିନ୍ନ ସାହି ବସ୍ତିରେ ମହିଳାମାନେ ନିଜ ନିଜ ଘର ଆଗରେ ଏହି ରଥକୁ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ୩ନଂ ୱାର୍ଡ ପକ୍ଷରୁ ସୁରେନ୍ଦ୍ର କୁମାର ନାୟକ, ସମର ସିଂ, ସଂଜୟ ଦଳେଇ, ପ୍ରଶନ ସା ଓ ୪ନଂ ୱାର୍ଡ ପକ୍ଷରୁ ସଂଯୋଜିକା ପୁଷ୍ପାରାନୀ ନାୟକ, ଆରତି ସି, ମମତାରାଣୀ ଜେନା, ଉମାକାନ୍ତ ନାୟକ, ପବିତ୍ର ମୋହନ ବେହେରା, ରଘୁନାଥ ପଣ୍ଡିତ, ଗଗନ ଭଟ୍ଟାଚାର୍ଯ୍ୟ ଓ ଆଇନଜୀବୀ ମହେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗାଁରେ ବୁଲିଲା ଅର୍ପଣ ରଥ; ସଂଗ୍ରହ କଲା ଗୁଆ, ଚାଉଳ









**କରଞ୍ଜିଆ,୮।୧(ସମିସ):** ପୁରୀ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ପାଇଁ ବାହାରିଥିବା ଅର୍ପଣ ରଥ ଆଜି କରଞ୍ଜିଆରେ ପହଞ୍ଚି ବିଭିନ୍ନ ୱାର୍ଡରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଛି। ଅର୍ପଣ ରଥ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରତି ଘରୁ ଅରୁଆ ଚାଉଳ, ଗୁଆ ଓ ଦକ୍ଷିଣା ପ୍ରଦାନ କରାଯାଇଥିଲା। କରଞ୍ଜିଆ ଅଧ୍ୟକ୍ଷ ପପି ପୃଷ୍ଟିଙ୍କ ନେତୃତ୍ୱରେ ବାହାରିଥିବା ରଥ ସାଙ୍ଗରେ କାଯ୍ୟନିର୍ବାହୀ ଅଧିକାରୀ, କାଉନସିଲର, କର୍ମଚାରୀ ଓ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

**ବହଳଦା:** ଶ୍ରୀ ମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ପାଇଁ ପ୍ରତି ଗ୍ରାମରେ ଅର୍ପଣ ରଥ ପରିକ୍ରମା କରୁଛି। ସେହି ପରିପ୍ରେକ୍ଷୀରେ ସୋମବାର ମୟୂରଭଞ୍ଜ ଜିଲ୍ଲା ବହଳଦା ଓ ବିଭିନ୍ନ ଗାଁରେ ଏହି ଥର ପରିକ୍ରମା କରିଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ କେବଳ ୨୫ ଜଣ ଏସଏଚଜି ସଭ୍ୟା ଯୋଗଦେବା ପାଇଁ ନିର୍ଦ୍ଦେଶ ଥିବାରୁ ହାତଗଣତି ମହିଳାଙ୍କୁ ଦେଖିବାକୁ ମିଳିଥିଲା। ଏହି ରଥ ଅବ୍ୟବସ୍ଥା ଦେଇ ପରିକ୍ରମା ହୋଇଥିବାରୁ ଜିଲ୍ଲା ପରିଷଦ ସଦସ୍ୟା ଭଗବତୀ ମିଶ୍ର ଓ ସୁଶ୍ରୀ ସୂର୍ଯ୍ୟମଣି ହାଁସଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ବିନା ପ୍ରସ୍ତୁତିରେ ସରକାରୀ କାର୍ଯ୍ୟକ୍ରମ ଓ ପ୍ରଶାସନ ଉପରେ ଦାୟିତ୍ୱ ଯୋଗୁ ବହୁ ପ୍ରତୀକ୍ଷିତ ପରିକ୍ରମା କାର୍ଯ୍ୟକ୍ରମ ବହୁ ଆଡମ୍ବରରେ ଲଘୁକ୍ରିୟାରେ ପରିଣତ ହେଇଥିଲା।

**ରାଇରଙ୍ଗପୁର:** ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆମ ଓଡିଶା ଓ ନବୀନ ଓଡିଶା ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥକୁ ପୌର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଓ ମୋରଡା ବିଧାୟକ ରାଜକିଶୋର ଦାସ ଶୁଭାରମ୍ଭ କରିଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର, ସଂରକ୍ଷଣ ନିମନ୍ତେ ଓ ସମସ୍ତ ଜନସାଧାରଙ୍କୁ ଏହି ପବିତ୍ର ମହାନ ସଂସ୍କୃତି ସହିତ ସାମିଲ କରିବା ଉଦ୍ଦେଶ୍ୟରେ ଏହି ରଥ ପୌର ପରିଷଦର ସମସ୍ତ ୱାର୍ଡ ପରିକ୍ରମା କରି ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ସୋମବାରଠାରୁ ଆରମ୍ଭ ହୋଇ ଆସନ୍ତା ୧୫ ତାରିଖ ମଧ୍ୟରେ ଏହି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟ ସମାପନ ହେବ। ମହାପ୍ରଭୁଙ୍କୁ ଅର୍ପଣ ପାଇଁ ଶ୍ରୀମନ୍ଦିରକୁ ପ୍ରେରଣ କରାଯିବା ପାଇଁ ବ୍ୟବସ୍ଥା କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ମମିତା ଚୌଧୁରୀ, ସମସ୍ତ କାଉନସିଲର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ରମେଶ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସମେତ ସମସ୍ତ ପୌର କର୍ମଚାରୀ ଏବଂ ମିଶନଶକ୍ତି ମହିଳା ଉପସ୍ଥିତ ଥିଲେ।

**ଯଶିପୁର:** ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସରକାରୀ ସ୍ତରରେ ବ୍ୟାପକ ଆୟୋଜନ କରାଯାଇଛି। ବିଶ୍ୱନିଅନ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆସନ୍ତା ୧୭ ତାରିଖରେ ଲୋକାର୍ପଣ ହେବ। ଏହି ଭବ୍ୟ ଆୟୋଜନ ପାଇଁ ରାଜ୍ୟ ବ୍ୟାପୀ ଶ୍ରୀଜଗନ୍ନାଥ ପ୍ରଚାର ଅର୍ପଣ ରଥ ପରିକ୍ରମା ଆରମ୍ଭ ହୋଇଛି। ରଥକୁ ବିଭିନ୍ନ ବ୍ଲକର ବିଭିନ୍ନ ପଞ୍ଚାୟତ ଏବଂ ଗାଁରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମସ୍ତ ୱାର୍ଡରେ ଏହି ରଥ ପରିକ୍ରମା କରି ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ମହିଳା, ଯୁବତୀମାନେ ଶଙ୍ଖ ଓ ହୁଳହୁଳି ଦେଇ ରଥକୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ରଥ ଜାମଦାସାହି, ଯଶିପୁର, ଜାମୁକେଶ୍ୱର, ବେଗୁନିଆ, ପୋଡ଼ାଗଡ଼ ପଞ୍ଚାୟତ ପରିକ୍ରମା କରି ଗୁଆ, ଚାଉଳ ସଂଗ୍ରହ କରିଛି।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ୨ ଗିରଫ

**ବୈଶିଙ୍ଗା/ମାଣତ୍ରୀ, ୮।୧(ସମିସ):** ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀସ୍ଥିତ ମଦ କାଉଣ୍ଟର ସାମ୍ନାରେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗତକାଲି ସନ୍ଧ୍ୟାରେ ମାଣତ୍ରୀ ଗ୍ରାମର ଜଗନ୍ନାଥ ବାରିକ ଘରକୁ ଫେରୁଥିବା ସମୟରେ ବେତନଟୀ-ମାଣତ୍ରୀ ରାସ୍ତାରେ ମଦ କାଉଣ୍ଟର ସମ୍ମୁଖରେ ୫ରୁ ୬ଜଣ ମଦ୍ୟପ ଯୁବକ ହଠାତ୍ ଗାଡି ସାମ୍ନାକୁ ଆସି ଧକ୍କା ଦେଇଥିଲେ। ଜଗନ୍ନାଥ ସେମାନଙ୍କୁ ବିରୋଧ କରିବାରୁ ଗାଳିଗୁଲଜ କରିବା ସହିତ ମାଡ଼ ମାରି ସେଠାରୁ ପଳାଇଥିଲେ। ସ୍ଥାନୀୟ ଲୋକ ଜଗନ୍ନାଥଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ପୁଲିସ ପହଞ୍ଚି ଏକ ମାମଲା ରୁଜୁ କରି ଆଜି ମୁଖ୍ୟ ଅଭିଯୁକ୍ତ ରେମୁଣା ଥାନା ଅଞ୍ଚଳର ବାବୁ ସିଂ ଓ ଅଜୟ କୁମାର ବିଶ୍ୱାଳଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ସଂସ୍କୃତିଜ୍ଞାନ ପରୀକ୍ଷା

**ବେତନଟୀ,୮ ।୧(ସମିସ):**ବେତନଟୀଉପକଣ୍ଠଦେବବିହାରସରସ୍ୱତୀଶିଶୁବିଦ୍ୟାମନ୍ଦିରରେ ରବିବାର ସଂସ୍କୃତିଜ୍ଞାନ ପରୀକ୍ଷା ଆୟୋଜିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଂସ୍କୃତିଜ୍ଞାନ ପରୀକ୍ଷାରେ ଶିକ୍ଷାନୁଷ୍ଠାନର ଆଚାର୍ଯ୍ୟ/ଆଚାର୍ଯ୍ୟା, ଅଭିଭାବକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭାରତର ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଧାରିତ ପ୍ରଶ୍ନକୁ ନେଇ ଆୟୋଜିତ ପରୀକ୍ଷା ଦ୍ୱାରା ଲୋକଙ୍କ ମଧ୍ୟରେ ଭାରତୀୟ ସଂସ୍କୃତିର ପ୍ରଚାର ପ୍ରସାର ହେଉଛି ମୂଳଲକ୍ଷ୍ୟ। ଅନୁଷ୍ଠାନର ସଭାପତି ସତୀଶ କୁମାର ସାହୁ ଏବଂ ସମ୍ପାଦକ ସମାଜସେବୀ ପ୍ରକାଶ କୁମାର ବେହେରାଙ୍କ ମାର୍ଗଦର୍ଶନରେ ଆୟୋଜିତପରୀକ୍ଷାପରିଚାଳନାରେଅଣଶିକ୍ଷା କର୍ମଚାରୀସକ୍ରିୟଦାୟିତ୍ୱସମ୍ପାଦନକରିଥିଲେ।

## ବୈଶିଙ୍ଗା ମହୋତ୍ସବ ଉଦ୍‌ଯାପିତ

**ବୈଶିଙ୍ଗା,୮।୧(ସମିସ):** ରବିବାର ବୈଶିଙ୍ଗା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମନଛୁଆଁ ଗୀତ ଓ ହାସ୍ୟରସର ଛୁଙ୍କ ଶହଶହ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା କରଞ୍ଜିଆର ପ୍ରାକ୍ତନ ଉପଜିଲାପାଳ ଡ ରଜନୀକାନ୍ତ ବିଶ୍ୱାଳ ଯୋଗ ଦେଇ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଶ୍ରୀମା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ଶ୍ୟାମସୁନ୍ଦର ଦାସ ଯୋଗ ଦେଇ ମୟୂରଭଞ୍ଜର ଐତିହ୍ୟ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଶେଷରେ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାନଗାୟକତାରିକଅଜିଜ୍‌ଙ୍କ ସଂଗୀତରେଦର୍ଶକମାନେବିଭୋରହୋଇଥିଲେ।

## ଆକ୍ସିସ୍ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ

**କେନ୍ଦୁଝର,୮।୧(ସମିସ):** କେନ୍ଦୁଝର ସହରର କାଶିପୁର ଠାରେ ଆକ୍ସିସ ବ୍ୟାଙ୍କର ଏକ ନୂତନ ଶାଖା ସୋମବାର ଉଦଘାଟିତ ହୋଇଯାଇଛି। ଏଥିରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାଖାକୁ ଉଦଘାଟନ କରିବା ସହିତ ବ୍ୟାଙ୍କ ସେବାରେ ଉପଯୋଗଗିତା ସମ୍ପର୍କରେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ସୂଚନା ଯୋଗ୍ୟ ଯେ ଏହି ନୂତନ ଶାଖାଟି ଓଡିଶାର ୨୧୭ତମ ଶାଖା ଏବଂ କେନ୍ଦୁଝରର ୫ମ ଶାଖା ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କାଶିପୁର ସ୍ଥିତ ଲକ୍ଷ୍ମୀ ମନ୍ଦିର ନିକଟରେ ସ୍ଥାପିତ ଏହି ନୂତନ ଶାଖାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆକ୍ସିସ ବ୍ୟାଙ୍କର ଓଡିଶା ସର୍କଲ ମୁଖ୍ୟ ସମ୍ପଦୀପ୍ତ ଚନ୍ଦ୍ର, ଭଦ୍ରକ କ୍ଲଷ୍ଟର ହେଡ ଦେବୀପ୍ରଶନ୍ନ ଦାଶ ଏବଂ ଗଣେଶ୍ୱର ଦାଶ, ଶାଖା ମୁଖ୍ୟ ପରିଚାଳକ ଶ୍ରୀଧର କୃପା ସାହୁ, ବିଜିନେସ ଆର୍‌ଏମ ସୁବ୍ରତ କୁମାର ଘୋଷ, କେନ୍ଦୁଝର ବିଏମ ବିକାଶ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବ୍ୟାଙ୍କର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ମାଲବାହୀ ଟ୍ରେନରେ କଟି ଜଣେ ମୃତ

**କେନ୍ଦୁଝର,୮।୧ (ସମିସ):** କେନ୍ଦୁଝର ଦେଇ ଯାଇଥିବା ଜଖପୁରା ବାଂଶପାଣି ଜଖପୁରା ରେଲଲାଇନର ବସନ୍ତପୁର ନିକଟରେ ସନ୍ଧ୍ୟା ମାଲବାହୀ ଟ୍ରେନ୍‌ରେ କଟି ଜଣେ ଯୁବକ ମୃତ୍ୟୁ ହୋଇଥିବାଖବରମିଳିଛି।ଖବରପାଇଁଜିଆର୍‌ପିଘଟଣାସ୍ଥଳକୁଯାଇଛି।କାରଣଅସ୍ପଷ୍ଟରହିଛି।

## ଭାଗବତ ପ୍ରଚାର ସମିତିର ବାର୍ଷିକ ଉତ୍ସବ

**ଆନନ୍ଦପୁର, ୮।୧ (ସମିସ):** ସ୍ଥାନୀୟ ମରେଇଗାଁ ଦୋସ୍ତି ସଂଗଠନ କେନ୍ଦ୍ରଠାରେ ଭାଗବତ ପ୍ରଚାର ପ୍ରସାର ସମିତିର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଗବତ ପ୍ରବଚକ ବାସୁଦେବ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଦୋସ୍ତି ପରିବାର ମୁଖ୍ୟ ନୃସିଂହ ଚରଣ ପଣ୍ଡା, ଭାଗବତ ସମିତିର ଆବାହକ ଅଭିମନ୍ୟୁ ବିଶ୍ୱାଳ, ମଦନ ମୋହନ ପାଢ଼ୀ ଯୋଗ ଦେଇଥିଲେ। ଏହି ଅବସରରେ ମା' ମଙ୍ଗଳା ମହିଳା ଭାଗବତ ଟୁଙ୍ଗୀର ସଭାନେତ୍ରୀ ବିଦ୍ୟୁତପ୍ରଭା ଦେଓଙ୍କୁ ମାନପତ୍ର, ଉତ୍ତରୀୟ ଓ ଶ୍ରୀମଦ୍ ଭାଗବତ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚୋରି ମାମଲାରେ ୨ ବର୍ଷ କାରାଦଣ୍ଡାଦେଶ

**ବେତନଟୀ/ବୈଶିଙ୍ଗା,୮ ।୧(ସମିସ):** ବୈଶିଙ୍ଗା ଥାନା ଅଞ୍ଚଳରେ ୨୦୨୩ ମସିହାରେ ଏକ ସ୍କୁଲରୁ ହୋଇଥିବା ଚୋରି ମାମଲାର ବିଚାରକରି ବେତନଟୀ ଜେଏମଏଫସି କୋର୍ଟର ବିଚାରପତି ଏ. ଅବିନାଶ ନାଇଡୁ ସୋମବାର ରାୟ ପ୍ରକାଶ କରିଛନ୍ତି। ପଣସିଆ ଗ୍ରାମର ସୁନ୍ଦରମୋହନ ସିଂଙ୍କ ପୁଅ ଅଶୋକ ସିଂକୁ ୨ ବର୍ଷ କାରାଦଣ୍ଡାଦେଶ ଶୁଣାଇଥିବା ବେଳେ ଅନ୍ୟ ୩ ଜଣଙ୍କୁ ସାକ୍ଷ୍ୟପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ମୁତାବକ, ୨୦୨୩ ମସିହା ମାର୍ଚ୍ଚମାସ ୧୮ ତାରିଖ ରାତିରେ ଆମ୍ବଗଡିଆ ଉପକଣ୍ଠ ଅଙ୍ଗାରଗଡିଆ ଦୀନବନ୍ଧୁ ହାଇସ୍କୁଲରୁ ଦୁର୍ବୃତ୍ତମାନେ ଦୁଇଟି କମ୍ପ୍ୟୁଟର ବ୍ୟାଟେରୀ, ଗୋଟିଏ ୟୁପିଏସ, ସିପିୟୁ ଗୋଟିଏ, ସିସିକ୍ୟାମେରା ହାର୍ଡଡିସ୍କ ଗୋଟିଏ, ୪ ଚାନେଲ୍ ଡିଭିଆର ଗୋଟିଏ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରିକରି ନେଇଥିଲେ। ୧୯ ତାରିଖ ସକାଳେ ଏହା ଜଣାପଡିବା ପରେ ପ୍ରଧାନଶିକ୍ଷକ ରାମକୃଷ୍ଣ ନାୟକଙ୍କ ଏତଲା ଦେଇଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏଥିସହିତ ପଣସିଆ ଗ୍ରାମର ମୁଖ୍ୟ ଅଭିଯୁକ୍ତ ଅଶୋକ ସିଂଙ୍କ ସମେତ ଜୟନ୍ତ ଦେହୁରୀ, କମଳାକାନ୍ତ ଗୋଛାୟତ, ଶିବଶଙ୍କର ଗିରି ପ୍ରମୁଖଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା ପୁଲିସ। ପରେ ଚୋରି ସାମଗ୍ରୀ ଅଶୋକ ପାଖରୁ ଉଦ୍ଧାର କରାଯାଇଥିଲା। ସୋମବାର ମାମଲାର ବିଚାର ପୂର୍ବକ ଜେଏମଏଫସି ବିଚାରପତି ଏ. ଅବିନାଶ ନାଇଡୁ ରାୟ ପ୍ରକାଶ କରିବା ସହିତ ଆସାମୀ ଅଶୋକ ସିଂକୁ ୨ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

## କଂପ୍ୟୁଟର ଓଜନ କଣ୍ଟାରେ ହେରଫେର ନେଇ ଉତ୍ତେଜନା

**ବୈଶିଙ୍ଗା,୮।୧ (ସମିସ):** ବୈଶିଙ୍ଗା ଥାନା ଅଧୀନ ଦଲଦଲି ଗ୍ରାମରେ କଣ୍ଟ୍ରୋଲ ଡିଲର ଉପଭୋକ୍ତାଙ୍କୁ କଂପ୍ୟୁଟର ଓଜନକଣ୍ଟାରେ ହେରଫେର କରି ଚାଉଳ କମ୍ ଦେବାକୁ ନେଇ ରବିବାର ତୀବ୍ର ଉତ୍ତେଜନା ଦେଖାଦେଇଛି। ସୂଚନା ମୁତାବକ, କେନ୍ଦୁଆ ପଞ୍ଚାୟତ ଅଧୀନ ଦଲଦଲିଠାରେ ରିଟେଲର ହରିଶ୍ଚନ୍ଦ୍ର ମାହାର୍ଣ୍ଡ ଉପଭୋକ୍ତାଙ୍କୁ ଚାଉଳ ଦେବା ଦାୟିତ୍ୱରେ ରହିଛନ୍ତି। ତେବେ ଉପଭୋକ୍ତାଙ୍କୁ ସେ କଂପ୍ୟୁଟର କଣ୍ଟାରେ ହେରଫେରକରି କୁଇଣ୍ଟାଲ ପିଛା ୪ରୁ ୫ କେଜି କମ ଦେଉଥିବା ନେଇ ସନ୍ଦେହ ହେଉଥିଲା। ରବିବାର ଶ୍ରୀ ମହାର୍ଣ୍ଡ ଚାଉଳଦେବା ପରେ ସମସ୍ତ ହିତାଧିକାରୀ ଅନ୍ୟଏକ ସ୍ଥାନରେ ଓଜନ କରିଥିଲେ। ଓଜନ କୁଇଣ୍ଟାଲ ପିଛା ୪ରୁ ୫କେଜି ଓଜନ କମ ଥିବାର ଦେଖିଥିଲେ। ଯାହାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଏନେଇ ଯୋଗାଣ ଅଧିକାରୀ ସସ୍ମିତା ସେଠୀ ତୁରନ୍ତ ପହଞ୍ଚି ଠିକ୍‌ଭାବେ ଓଜନ କରି ଚାଉଳ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ବୈଶିଙ୍ଗା ଥାନାରେ ଏକ ଏତଲା ଦାଏର ହୋଇଛି।

**ମା' ତାରିଣୀ ମହିଳା ଭଲିବଲ ଟୁର୍ଣ୍ଣାମେଣ୍ଟ**

## ଇଷ୍ଟର୍ଣ୍ଣ ରେଲୱେ କଲିକତା ଚାମ୍ପିଅନ

ଘଟଗାଁ,୮।୧(ସମିସ)



ଘଟଗାଁ ନିକଟସ୍ଥ ଉପରଡିହା ଡିପୋ ପଡ଼ିଆ ଠାରେ ତୃତୀୟ ବାର୍ଷିକ ମେଗା ମା' ତାରିଣୀ ମହିଳା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସର୍ବଭାରତୀୟ ସ୍ତରର ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ୪ଟି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତାମିଲନାଡୁ ବିଶ୍ୱବିଦ୍ୟାଳୟ, ଇଷ୍ଟକୋଷ୍ଟ ରେଲଓ୍ୱେ ଖୋର୍ଦ୍ଧା, ଇଷ୍ଟର୍ଣ୍ଣ ରେଲଓ୍ୱେ କୋଲକତା (ପଶ୍ଚିମବଙ୍ଗ), ଉତ୍କଳ ବିଶ୍ୱବିଦ୍ୟାଳୟ ଏଥିରେ ସାମିଲ ହୋଇଥିଲେ। ଶେଷ ମ୍ୟାଚଟି ଇଷ୍ଟର୍ଣ୍ଣ ରେଲୱେ କୋଲତା ବନାମ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ଇଷ୍ଟର୍ଣ୍ଣ ରେଲୱେ ୩-୦ ସେଟ୍‌ରେ ବିଜୟ ହୋଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁକୁନ୍ଦପୁରପାଟଣା ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ସଞ୍ଜୟ କୁମାର ମିଶ୍ର, ଘଟଗାଁ ପ୍ରେସ୍ କ୍ଲବର ସଭାପତି ପ୍ରଦୀପ କୁମାର ସା, ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସିଂହ, କୁଳମଣୀ ନାଏକ, ମାନସ ପେରେଇ, ସମାଜସେବିକା ରୀତା ଦେ, ରବିନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମା' ତରିଣୀ ଭଲିବଲ ଟୁର୍ଣ୍ଣାମେଣ୍ଟର ସଭାପତି ସୋହିଲ ଅହମ୍ମଦ, ସଂପାଦକ ସୌଭାଗ୍ୟ ରଞ୍ଜନ ପାଣିଗ୍ରାହୀ, ଏସକେ ବ୍ରାର, ସେକ ଜାନି, ବିଜୟ କୁମାର ପଲେଇ, ସେହବାଦ ଖାଁ, ତାପସ କୁମାର ରାଉତ, ରୁଦ୍ର ସେନାପତି, ସେକ ସୁଜିତ, ସେକ ରାଜା, ସେକ ଫାରାନା, ସେକ ସକିକ, ସେକ ଚୁନ୍ନୁ, ସେକ ସହିଦ, ଦେବ ପ୍ରସାଦ ଜେନା, ବିଶ୍ୱରଞ୍ଜନ ଜେନା, ଶୁଭରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏହି ଖେଳକୁ ପରିଚାଳନା କରିଥିଲେ।

# ରାସ୍ତା ସଂପ୍ରସାରଣରେ ଜଳ ଯୋଗାଣ ବାଧାପ୍ରାପ୍ତ

**ହାଟଡିହି, ୮।୧(ସମିସ)**



ପାନୀୟ ଜଳ ଯୋଗାଣ ପାଇଁ ରାସ୍ତା ପାଖରେ ବିଛାଯାଇଛି ପାଇପ୍। କିନ୍ତୁ ରାସ୍ତା ସଂପ୍ରସାରଣ ବେଳେ ସେହି ପାଇପ୍ ଲାଇନ୍ ନଷ୍ଟ ହୋଇଯାଉଛି। ଫଳରେ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ପାଇପ୍ ବିଛାଇବା ପାଇଁ ଗାଁର ରାସ୍ତାକୁ କେଉଁଠି ମଝିରେ ତଡ଼ାଯାଇଛି ତ ଆଉ କେଉଁଠି ରାସ୍ତା ପାଖର ଭିତରକୁ ଓ ଆଉ କେଉଁଠି ରାସ୍ତା ପାର୍ଶ୍ୱରେ ତଡ଼ାଯାଇ ପାଇପ୍ ବିଛାଯାଇଛି। ଫଳରେ ରାସ୍ତା ମରାମତି ବେଳେ ସେ ସବୁ ଭାଙ୍ଗି ଯାଉଛି। ସୋସୋ ଠାରୁ ଢେଙ୍କା ଏବଂ ଢେଙ୍କା ଠାରୁ ମରେଇଗାଁ ଆଦି ନୂତନ ରାସ୍ତା ନିର୍ମାଣ ହେବା ଦ୍ୱାରା ରାସ୍ତାର ସଂପ୍ରସାରଣ ହୋଇଛି। ଯାହାକି ରାସ୍ତା ଭିତରେ ମେଗା ପ୍ରକଳ୍ପ ଜଳ ଯୋଗାଣ ପାଇପ୍ ରହିଛି। ଡିଏମ୍ଏଫ ଯୋଜନାରୁ ବିଭିନ୍ନ ସ୍ଥାନରେ ଉନ୍ନତମାନର ରାସ୍ତା ଓ ସଂପ୍ରସାରଣ ହେଉଥିବା ବେଳେ ପାଇପ୍ ରାସ୍ତା ପାର୍ଶ୍ୱକୁ ଅଣାଯାଇନାହିଁ। ଯାହାକି ରାସ୍ତା ଭିତରେ ରହିଛି। ପ୍ରଶାସନର ଦୂରଦୃଷ୍ଟି ଅଭାବ ଓ ଠିକାଦାରଙ୍କ ପ୍ରତି ପ୍ରୀତି ପାଇଁ କୋଟି କୋଟି ଟଙ୍କାର ରାସ୍ତା ଅଳ୍ପ ଦିନରେ ନଷ୍ଟ ହୋଇ ପୂର୍ବ ଅବସ୍ଥା ଫେରିବା ନେଇ ଆଶଙ୍କା ପାଇଛି। ଯାହାକି ବିଭିନ୍ନ ସମୟରେ ପାଣି ଯୋଗାଣରେ ବ୍ୟାଘାତ ଘଟିଲେ ରାସ୍ତା ମଝିକୁ ତଡ଼ାଯାଇ କାର୍ଯ୍ୟ ହେଲେ ରାସ୍ତା ଖରାପ ହେବ। ଯାହାକୁ ନେଇ ଏବେ ମେଗା ପ୍ରକଳ୍ପ ପାଣି ଯୋଗାଣ ଯୋଜନାରୁ ଜଳଯୋଗାଣ ବାଧାପ୍ରାପ୍ତ ହେଉଛି। ଫଳରେ ଉନ୍ନତ ମାନର ରାସ୍ତା ନଷ୍ଟ ହେବା ସହିତ ଧିରେ ଧିରେ ଅଧିକ ନଷ୍ଟ ହୋଇ ବିପଦ ସୃଷ୍ଟି କରିବ। ଯଦି ପାଇପ୍ ବିଛା ସମୟରେ ରାସ୍ତାର ୩/୪ଫୁଟ ବାହାରକୁ ପାଇପ୍ ବିଛାଯାଇଥାନ୍ତା; ତେବେ ତାହା ୧୦ ବର୍ଷରୁ ଉର୍ଦ୍ଧ୍ୱ ପରେ ସଂପ୍ରସାରଣ ସମୟରେ ଚିନ୍ତା ପ୍ରକଟ କରାଯାଇଥାନ୍ତା। କିନ୍ତୁ ପାଣି ଯୋଗାଣ ହୋଇନାହିଁ। ଏବେ ଠାରୁ ରାସ୍ତା ମଝିରେ ପାଣି ଲିକ୍ ହୋଇ ଚାଷ ଜମିକୁ ପାଣି ଯାଇ ଧାନକୁ ନଷ୍ଟ କରିବା ସହିତ ପିଚୁରାସ୍ତାକୁ ନଷ୍ଟ କରି ଖାଲ ସୃଷ୍ଟି କରିଛି। ଯାହାକି ବିଭିନ୍ନ ସମୟରେ ଏଭଳି ସମସ୍ୟା ସୃଷ୍ଟି ହେବ। ଆମ୍ରଗଡ଼ିଆ ସୋସୋ ରାସ୍ତା ମଝିରେ ଏଭଳି ପାଇପରୁ ପାଣି ବାହାରି ପିଚୁ ନଷ୍ଟ କରିବା ସହିତ ଅଡଡା ଖାଉଛି। ଏଭଳି କ୍ଷେତ୍ରରେ ରାସ୍ତାର ସ୍ଥାୟୀତ୍ୱ ଓ ପାଣି ଯୋଗାଣର ସଫଳରେ ବାଧା ସୃଷ୍ଟି କରୁଛି।

କଳବଲ କଲା କୁହୁଡି

## ଦିଲ୍ଲୀର ଭ୍ରମ ସୃଷ୍ଟି କଲା ପାଟଣା ଅଞ୍ଚଳ



**ତୁରୁମୁଙ୍ଗା,୮।୧(ସମିସ):** କଳବଲ କଲା କୁହୁଡି। କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳରେ ସୋମବାର ଭୋରରୁ କୁହୁଡି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ସକାଳୁ ସକାଳୁ ଲୋକେ ଘରୁ ବାହାରକୁ ବାହାରି ପାରି ନଥିବା ବେଳେ ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳରେ ସମସ୍ୟା ଦେଖା ଦେଇଥିଲା। ଘନ କୁହୁଡି ଯୋଗୁ ମୁହଁକୁ ମୁହଁ ଦୃଶ୍ୟ ମାନ ହେଉ ନଥିବା ଯୋଗୁଁ ଗାଡ଼ି ଚଳାଚଳ ସମସ୍ୟା ଦେଖା ଦେଇଥିଲା। କିଛି ଗାଡି ଲାଇଟ ଜଳାଇ ଯାଉଥିବା ବେଳେ କିଛି ସ୍ଥାନରେ ଗାଡିମଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା। ପ୍ରାୟ ଦିନ ୧୧ଟା ପର୍ଯ୍ୟନ୍ତ କୁହୁଡି ରହିଥିବା ବେଳେ ଦିଲ୍ଲୀର ଭ୍ରମ ସୃଷ୍ଟି ହୋଇଥିଲା। କୁହୁଡି ଯୋଗୁଁ ଲୋକେ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ।

## ଭୂୟାଁ ସାଂସ୍କୃତିକ ସଂଗଠନର ନବବର୍ଷ ପାଳନ



**ଚମ୍ପୁଆ,୮ ।୧(ସମିସ):** ଭୂୟାଁ ସାଂସ୍କୃତିକ ସଂଗଠନ ଓ ଧରଣୀଧର ମିଳିତ ମଞ୍ଚ ତରଫରୁ ଚମ୍ପୁଆ ଧରଣୀଧର ନଗର ଭବନଠାରେ ଏକ ନବବର୍ଷ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଭୂୟାଁ ସଂଗଠନର ସଭାପତି ବିଭୀଷଣ ନାଏକଙ୍କ ସଭାପତିତ୍ୱରେ ଏ ସଭାରେ କେନ୍ଦୁଝର ସଂଗଠନର ସମ୍ପାଦକ କାଙ୍ଗାଳୀ ଚରଣ ନାଏକ ଯୋଗଦେଇ ଭୂୟାଁ ତଥା ଅନ୍ୟ ଆଦିବାସୀମାନଙ୍କ ଏକତା, ଶିକ୍ଷା ଏବଂ ନିଶା ନିବାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କଳାକାର ମହାନ୍ତ ଯୋଗଦେଇ ଏ ସମ୍ପ୍ରଦାୟ ଭିତରେ ଜାତିପ୍ରଥା, ସଂସ୍କୃତି ରକ୍ଷା ଓ ପୂଜ୍ୟପୂଜା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପାଣ୍ଡୁ ରାଠୋର, ତ୍ରିଲୋଚନ ନାଏକ, ପ୍ରଭାସିନୀ ନାଏକ ଯୋଗ ଦେଇଥିଲେ। ଘାସିରାମ ନାଏକ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିବା ବେଳେ ମଞ୍ଚ ପରିଚାଳନାରେ ଶୁକଦେବ ନାଏକ, ପ୍ରେମ ପୋଦ୍ଦାର, ସୁରେଶ ଚନ୍ଦ୍ର ଗିରି, ଘନଶ୍ୟାମ ମହାନ୍ତ, ନନ୍ଦ କିଶୋର ନାଏକ, ଅଶୋକ ନାଏକ ଓ ପଦ୍ମିନୀ ନାଏକ ସହଯୋଗ କରିଥିଲେ।

## ବୀରକିଶୋର ମଲ୍ଲିକଙ୍କ ସ୍ମୃତିଚାରଣ ସଭା



**ହାଟଡିହି, ୮।୧(ସମିସ):** ହାଟଡିହି ବ୍ଲକ ଜମ୍ବରା ଗ୍ରାମର ବିଶିଷ୍ଟ ଶିକ୍ଷାବିତ ବୀର କିଶୋର ମଲ୍ଲିକଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଭୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ନାରାୟଣ ଚନ୍ଦ୍ର ଲେଙ୍କା, ପୁର୍ବତନ ବିଧାୟକ ମାୟାଧର ଜେନା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଜିଲ୍ଲାପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ସଭ୍ୟା କୌଶଲ୍ୟା ସେଠୀ, ଅଶୋକ ପୁହାଣ, ଚତୁର୍ଭୁଜ ପହି, ମୋହନ ମାଝୀ, ଆଲୋକ ସେଠୀ, ରତ୍ନାକର ପାତ୍ର, ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ରଞ୍ଜନ କୁମାର ପ୍ରଧାନ, ସୁବୋଧ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପତ୍ନୀ ତାରାମଣି ମଲ୍ଲିକ, ପୁଅ ଚିତ୍ତ ରଞ୍ଜନ, ଜ୍ୟୋତି ରଞ୍ଜନ, ନିରଞ୍ଜନ, ବୋହୂ ସଂଯୁକ୍ତା, ତୃଷ୍ଣା, ଝିଅ ତପସ୍ୱିନୀ, ପଦ୍ମିନୀ, ଜ୍ୱାଇଁ ଆଦି ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ରାମଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଚମ୍ପୁଆ ବ୍ଲକ୍‌ରେ ଅଭିଯୋଗ ଶୁଣାଣି ଶିବିର



**ଚମ୍ପୁଆ, ୮।୧(ସମିସ):** ଚମ୍ପୁଆ ବ୍ଲକ ସଭା ଗୃହ ଠାରେ ଆଜି ଏକ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ କୁମାର ଠାକ୍‌ରେ, ଏସ୍‌ପି କୁଶଲକର ନିତିନ ଦାଗୁଡୁ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଡିଡି ହନୁମନ୍ତ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ୯୧ ଗୋଟି ଅଭିଯୋଗ ହୋଇଥିବା ବେଳେ ବିଶେଷ ଭାବରେ ଭତ୍ତା, ଆବାସ, ରାସନ କାର୍ଡ, ଜମି ଜମା ବିବାଦ, ମଣ୍ଡପ ନିର୍ମାଣ, କେନ୍ଦ୍ରୀୟ ବିଦ୍ୟାଳୟ, ମହତାବ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି, ଚମ୍ପୁଆରେ ବାଇପାସ ନିର୍ମାଣ, ଡାକ୍ତର ଖାନାରେ ଡାକ୍ତର ନିଯୁକ୍ତି ଉପରେ ଅଭିଯୋଗ ମାନ ଆସିଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ, ଚମ୍ପୁଆ ବିଡିଓ ଓ ବ୍ଲକ ଚେୟାରମ୍ୟାନ ସୁରେଶ ନାଏକଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗମାନଙ୍କୁ ୩୫ ଗୋଟି ବ୍ୟାଟେରୀ ଚାଳିତ ହ୍ୱିଲ ଚେୟାର ଓ ୧୦ ଜଣଙ୍କୁ ଆଶା ବାଡି ପ୍ରଦାନ କରାଯାଇଥିଲା।

## କଣ୍ଟିଆପଡା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ତୁରୁମୁଙ୍ଗା, ୮।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡା ଗ୍ରାମରେ ୮ ଦିନ ଧରି ଚାଲିଥିବା ବେହେରାସାହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜଗନ୍ନାଥପୁର ସହ କଣ୍ଟିଆପଡା ମଧ୍ୟରେ ହୋଇଥିବା ବେଳେ ଜଗନ୍ନାଥପୁର ପ୍ରଥମେ ବ୍ୟାଟିଂ କରି ୯୭ ରନ ସଂଗ୍ରହ କରିଥିଲା। ପଛରେ ବ୍ୟାଟିଂ କରି କଣ୍ଟିଆପଡା ୯୮ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ, ମୁଖ୍ୟ ବକ୍ତା ଭାବରେ ଓଡିଶା କୁଡୁମୀ ସେନାର ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ସମ୍ମାନିତ ଅତିଥି ଭାବରେ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ଯୁବନେତା ଦୀପକ ମଣ୍ଡଳ ପ୍ରମୁଖ ଯୋଗଦେଇ ବିଜୟୀ କଣ୍ଟିଆପଡା ଦଳକୁ ଖାସି ଏବଂ ପରାଜିତ ଜଗନ୍ନାଥପୁର ଦଳକୁ ମେଣ୍ଢା ପ୍ରଦାନ କରି ପୁରସ୍କୃତ କରିଥିଲେ। ଫାଇନାଲ ଖେଳକୁ ଅମ୍ପେୟାର ଭାବରେ ମାନସ ମହାନ୍ତ, ଡାକ୍ତର ମହାନ୍ତ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଟଙ୍କଧର ନାଏକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ବେହେରା ସାହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସିପୁନ ବେହେରା, କାର୍ତ୍ତିକ ବେହେରା, ରାଜା ବେହେରା, ଚଇତୁ ବେହେରା, ମନରଞ୍ଜନ ବେହେରା ପ୍ରମୁଖ ଖେଳ ପରିଚାଳନା ରେ ସହଯୋଗ କରିଥିଲେ।

## ବିଶ୍ୱ ଶାନ୍ତି ଚାରଣ ସ୍ୱଧ୍ୟାୟ ଭାଗବତ ପାରାୟଣ

**ଘସିପୁରା,୮ ।୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ନୂଆଗାଁ ଜଗନ୍ନାଥ ମନ୍ଦିର ନିକଟରେ ଶ୍ରଦ୍ଧାଳୁ ଭାବଗ୍ରାହୀ ମାଝୀଙ୍କ ଦ୍ୱାରା ଏକ ଚାରଣ ସ୍ୱଧ୍ୟାୟ, ଭାଗବତ ପାରାୟଣ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଧାର୍ମିକ ଅନୁଷ୍ଠାନରେ ପ୍ରାତଃରୁ ଶୁଭ କଳସ ପୂଜନ ପରେ ମଙ୍ଗଳ ଆଳତି ଗୋ ପୂଜା, ସୂର୍ଯ୍ୟପୂଜା, ବୃନ୍ଦାବତୀ ପୂଜା ସହ ଷୋଡ଼ଶପଚାର ପୂଜାର୍ଚ୍ଚନା ପରେ ହୋମଯଜ୍ଞ ସହ ଭାଗବତ ପାଠ, ହନୁମାନ ଚାଳିଶା ପଠନ କରାଯାଇଥାଏ। ଜିଲ୍ଲା ସଂଗଠକ ନବକିଶୋର ଭଞ୍ଜ, ଅଞ୍ଚଳ ସଂଗଠକ ଭରତଚନ୍ଦ୍ର ନାଥ, କୁଶଳେଶ୍ୱର ସଂଗଠକ ବିଚିତ୍ରାନନ୍ଦ ଦାସ, ବରିଷ୍ଠ ପରିଜନ ଲୁଣହାର ଗ୍ରାମର ସୁରେନ୍ଦ୍ରନାଥ ନାୟକ, ଡିଗିରିଆର ଗୋଲଖ ବେହେରା, ରବିନ୍ଦ୍ର କୁମାର ରାଉତ ସମେତ ଅନେକ ଚାରଣ ପ୍ରତିନିଧି ଯୋଗ ଦେଇ ସ୍ୱଧ୍ୟାୟ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିଥିଲେ।

## ଦଳାକୁ ହରାଇ ବେଗୁନିଆଁଡିହି ଚାମ୍ପିଅନ



**ଘସିପୁରା,୮ ।୧(ସମିସ):** କେନ୍ଦୁଝର ଜିଲ୍ଲା ଗଁପୁର ପଞ୍ଚାୟତ ଅନ୍ତର୍ଗତ ପୁଲୁରିଗଡିଆ ଯୁଗଜ୍ୟୋତି କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତକାଲି ଉଦଯାପିତ ହୋଇ ଯାଇଛି। ଫାଇନାଲ ମ୍ୟାଚରେ ମହାବୀର କ୍ରିକେଟ କ୍ଲବ ଦଳାକୁ ବ୍ଲାକ ଡାଇମଣ୍ଡ ବେଗୁନିଆଁଡିହି ୨ ୱିକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ଦଳା ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ୭ ୱିକେଟ ହରାଇ ୧୦୧ ରନ କରିଥିବା ଏହାର ଜବବରେ ବ୍ଲାକ ଡାଇମଣ୍ଡ ବେଗୁନିଆଁଡିହି କ୍ରିକେଟ କ୍ଲବ ଶେଷ ବଲରେ ୧୦୨ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିଜୟୀ ଟିମର ଲାଲା ମ୍ୟାନ ଅଫ ଦି ସିରିଜ ଓ ଅପୁ ମ୍ୟାନ ଅଫ ଦି ଫାଇନାଲ ବିବେଚିତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ବିଜେଡି ନେତା ଦେବାଶିଷ ପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ବାଇଧର ନାୟକ, ସମାଜସେବୀ ଗିରୀଧାରୀ ବେହେରା ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନରେ ମଣ୍ଟୁ, ଚିଣ୍ଟୁ, ମନୋଜ, ସୋନୁ, ବାଦଲ, ଶୁଭମ, ବିକାଶ, ଟୁଇନ, ଟୁଟୁଲି, ନିତ୍ୟାନନ୍ଦ, ରାଜେଶ, ପ୍ରତାପ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## ବିଇଓଙ୍କୁ ଭେଟିଲା ପ୍ରାଥମିକ ଶିକ୍ଷକ ସଙ୍ଘ

**ହାଟଡିହି, ୮।୧(ସମିସ):** ହାଟଡିହି ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ବିଇଓ ଧନେଶ୍ୱର ଖଣ୍ଡେଇଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ସଙ୍ଘର ସଭାପତି ସୁରେନ୍ଦ୍ର କୁମାର ଶା, ସମ୍ପାଦକ ବିବେକାନନ୍ଦ ବେହେରା, ଶାଳଣିଆଁ ସର୍କଲର ବିଜୟ କୁମାର ସେଠୀ, ସଞ୍ଜୟ କୁମାର ସ୍ୱାଇଁ, ରବିନ୍ଦ୍ର କୁମାର ଦାସ, ମୃତ୍ୟୁଞ୍ଜୟ ନନ୍ଦ, ଅଶୋକ କୁମାର ସାବତ, ଚରଣ ନାୟକ, ବିଭୂତି ଭୂଷଣ ବରାଳ, ନିତ୍ୟାନନ୍ଦ ବାରିକ, ନମିତା ଦାସ, ଦୁର୍ଗାପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଏବିଇଓ ପ୍ରମୋଦ କୁମାର ନାୟକ ଓ ସ୍ନେହଲତା ମହାରଣା, ବିଆର୍‌ସିସି ସୁରେଶ କୁମାର ଜେନା ଶୁଭେଚ୍ଛା ଜଣାଇଛନ୍ତି।

## ଶିଶୁମନ୍ଦିରରେ ଆଶୀର୍ବଚନ କାର୍ଯ୍ୟକ୍ରମ



**ଘସିପୁରା,୮ ।୧(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ଅଳତିର ଦୁଇ ଶିଶୁ ତୃତୀୟ ଶ୍ରେଣୀ ସରକାରୀ ମେଧା ବୃତ୍ତି ପରୀକ୍ଷାରେ ସଫଳତା ଆଣି ବିଦ୍ୟାଳୟର ଗୌରବ ବଢାଇଛନ୍ତି। ଦୀପଶିଖା ଧିର ୭୮ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଅମ୍ରିତ୍ ବେହେରା ୭୩ ନମ୍ବର ରଖି ସପ୍ତମ ସ୍ଥାନ ଅଧିକାର କରି ସରକାରୀ ବୃତ୍ତି ପାଇବାକୁ ଯୋଗ୍ୟ ବିଚେଚିତ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରମୋଦିନ ରାଉତଙ୍କ ସଂଯୋଜନାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କ ପକ୍ଷରୁ ଦୁଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଦ୍ୟାଳୟ ତରଫରୁ ଆଶ୍ରୀବଚନ ସହ ଶୁଭେଚ୍ଛା ଦିଆଯାଇଛି। ଶିଶୁମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସଭାପତି ଦୁହିଁଙ୍କ ସଫଳତା କାମନା କରିବା ସହିତ ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି।

## ଶିକ୍ଷକଙ୍କୁ ଶିଶୁ କବି ସମ୍ମାନ



**ହାଟଡିହି, ୮।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କଳିଗାଁ ଗ୍ରାମର ଶିକ୍ଷକ ନିରାକାର ଚଇନିଙ୍କୁ ଶିଶୁ କବି ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଛି। ଅନୁଗୁଳ ଜିଲ୍ଲା ପାଲଲହଡା ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମାଲ୍ୟଗିରି ମହୋତ୍ସବର ଦ୍ୱିତୀୟ ଦିବସରେ ଆୟୋଜିତ କବି ସମ୍ମିଳନୀରେ ଓଡିଶାର ବିଶିଷ୍ଟ ଶିଶୁ ସାହିତ୍ୟିକଶ୍ରୀଚଇନିଙ୍କୁଶ୍ରେଷ୍ଠଶିଶୁକବିସମ୍ମାନରେସମ୍ମାନିତକରାଯାଇଛି।ଉକ୍ତକାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ବିଧାୟକ ମୁକେଶ ପାଲ ଅଧ୍ୟକ୍ଷତା କରିଥିଲେ। କବି ପ୍ରତୀପ କୁମାର ଦ୍ୱିବେଦୀ ଓ କବୟିତ୍ରି ସନ୍ତୋଷିନୀ ଦାସ ଗିରିଙ୍କ ସଂଯୋଜନାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ କବି କବୟିତ୍ରି କବିତା ପାଠ କରିଥିଲେ। ସେ ବର୍ତ୍ତମାନ ତେଲକୋଇ ବ୍ଲକ ଅନ୍ତର୍ଗତ ସୁବୁଦ୍ଧିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ। ତାଙ୍କୁ ଏଭଳି ସମ୍ମାନ ବିଭିନ୍ନ ମହଲରେ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଶତାୟୁ ମହିଳାଙ୍କ ପରଲୋକ



**ଘସିପୁରା,୮ ।୧(ସମିସ):** ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ସୁଆଁଲୋ ଗ୍ରାମର ଧର୍ମପରାୟଣା ଶତାୟୁ ମହିଳା ଶଇତ ଜେନା (୧୦୦)ଙ୍କ ଗତକାଲି ହୃଦଘାତରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଜନିତ ପୀଡ଼ାରେ ଶଯ୍ୟାସାୟୀ ଥିଲେ। ଗ୍ରାମର ଜଣେ ପରୋପକାରୀ ଧର୍ମପରାୟଣା ଓ ଈଶ୍ୱର ବିଶ୍ୱାସୀ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ଶଯ୍ୟା ନିକଟରେ ୪ ପୁଅ ରମେଶଚନ୍ଦ୍ର, ସୁରେଶଚନ୍ଦ୍ର, ଶୁକଦେବ, ସୁରେନ୍ଦ୍ର ସମେତ ବୋହୂ, ନାତିନାତୁଣୀ, ଝିଅ ଜ୍ୱାଇଁ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ। ବିଳମ୍ବିତ ରାତ୍ରୀରେ ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନ ମଝିଆ ପୁଅ ଶୁକଦେବ ଜେନା ମୁଖାଗ୍ନି ଦେଇଥିଲେ।

## ଅକ୍ଷତ କଳସ ଯାତ୍ରା

**ତେଲକୋଇ, ୮।୧ (ସମିସ):** ତେଲକୋଇ ବ୍ଲକରେ ଅକ୍ଷତ କଳସ ଯାତ୍ରା ସହିତ ନିମନ୍ତ୍ରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ତେଲକୋଇ ବ୍ଲକ ଧନୁର୍ଜୟପୁର ଠାରେ ଥିବା ହନୁମାନ ବାଟିକାରେ ଅକ୍ଷତ କଳସକୁ ନେଇ ନାମ ଯଜ୍ଞ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ ତେଲକୋଇ ବ୍ଲକର ୨୨ଟି ପଞ୍ଚାୟତ ପାଇଁ କଳସ ବସାଯାଇ ପୂଜା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଚାରିଗଡ ମହାବିଦ୍ୟାଳୟର ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ ଓ ମୁଖ୍ୟବକ୍ତା ଭାବେ ଚିନ୍ମୟ ମିଶନର ନିର୍ଲିପ୍ତାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା ସଂଘ ଚାଳକ ଭାଗୀରଥି ପୃଷ୍ଟି, ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ତୁଷାରକାନ୍ତ ସାମନ୍ତ ଏବଂ ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ ଯୋଗଦେଇଥିଲେ। ସେହିପରି ତେଲକୋଇ ନୀଳକଣ୍ଠେଶ୍ୱର ମନ୍ଦିରକୁ ନିମନ୍ତ୍ରଣ ସହିତ ଅକ୍ଷତ କଳସ ଯାଇଥିଲା। ଏଥିରେ କରସେବକ ନିରଞ୍ଜନ ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ ଓ ନଟବର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜକ ପଦ୍ମଲୋଚନ ସାହୁ, ନିରଞ୍ଜନ ସାହୁ, ନିରାକାର ମହାକୁଡ, ରଣଜିତ ବିଶ୍ୱାଳ, ପ୍ରଫୁଲ୍ଲ ସାହୁ ଏବଂ ତେଲକୋଇ ଅଞ୍ଚଳର ବହୁ ଲୋକ ସହଯୋଗ କରିଥିଲେ।

## ମହତାବ ମହାବିଦ୍ୟାଳୟରେ ବନ୍ଧୁମିଳନ

**ଚମ୍ପୁଆ,୮ ।୧(ସମିସ):** ଚମ୍ପୁଆମୁଖ୍ୟାଳୟରେଥିବାବହୁପୁରାତନମହତାବବିଦ୍ୟାଳୟରେ ଶିକ୍ଷାଲାଭ କରି ଉତ୍ତୀର୍ଣ୍ଣ ୧୯ ୯୦ ମସିହାର ଛାତ୍ରମାନଙ୍କ ମଧ୍ୟରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମିରିଗିସିଂଗା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟରୁ ଯଦୁମଣି ନାୟକ, ଖୋର୍ଦ୍ଧାରୁ ସତ୍ୟବ୍ରତ ରଣସିଂହ, କୋଇଡ଼ାରୁ ରୁଦ୍ର ମହାନ୍ତ ଓ ସନ୍ତୋଷ ମହାନ୍ତ ଯୋଗ ଦେଇଥିଲେ। ନାଗେଶ୍ୱର ଦାସ ଓ ସୁବାସ ରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟରେ ନାଚ ଗୀତ ସହ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା।

ଆନନ୍ଦପୁର ଅବକାରୀ ବିଭାଗର ତଞ୍ଚକତା

## କାଉନ୍‌ସିଲର୍‌ଙ୍କ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଆନନ୍ଦପୁର,୮।୧(ସମିସ):** ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ୩ ଗୋଟି ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନର ନବୀକରଣ ପାଇଁ ଜାରି ହେବାକୁ ଥିବା ନୋଟିସ ଦେବାରେ ତଞ୍ଚକତା କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଆନନ୍ଦପୁର ପୌରାଞ୍ଚଳର ୩ ଜଣ କାଉନସିଲର ସମ୍ବିତ କୁମାର ଦାସ, କୃଷ୍ଣଚନ୍ଦ୍ର ରଣା ଓ ଉର୍ବଶୀ ସାହୁ ଆନନ୍ଦପୁର ଅବକାରୀ ବିଭାଗରେ ଏହାର ପ୍ରତିବାଦ କରିବା ସହିତ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ଏକ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିବା ଜଣାଯାଇଛି। ରାଜ୍ୟ ସରକାରଙ୍କ ଅବକାରୀ ଆଇନ୍ ୩୧(କ) ୩୩(୧), ୫୧(୬) ଅନୁଯାୟୀ, ସର୍ବସାଧାରଣ ସ୍ଥାନରେ ମଦ ଦୋକାନ ଖୋଲିବା ସମ୍ପର୍କରେ ନୋଟିସ୍ ଜାରି କରାଯିବାର ନିୟମ ଥିଲେ ମଧ୍ୟ ଏହି ନୋଟିସ ଜାରି କରିବାରେ ତଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ଅବକାରୀ କାର୍ଯ୍ୟାଳୟରୁ ଗତ ଡିସେମ୍ବର ୧୪ ତାରିଖରେ ଆସିଥିବା ନୋଟିସ ୨୮ ତାରିଖରେ କାଉନସିଲରମାନଙ୍କୁ ଦିଆଯାଇଥିଲା। ଯାହାକି ଅଭିଯୋଗ କରିବାର ମିଆଦ ଶେଷ ହୋଇଯାଇଥିଲା। ଅବକାରୀ ବିଭାଗ କର୍ମଚାରୀ ପରିବର୍ତ୍ତେ ମଦ ଦୋକାନର ସେଲସ୍‌ମ୍ୟାନ ଏହି ନୋଟିସ୍ କାଉନସିଲରମାନଙ୍କୁ ଦେଖାଇ ଦସ୍ତଖତ କରିଦେବାକୁ ଚାପ ସୃଷ୍ଟି କରିବାରୁ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ବିଭିନ୍ନ ସ୍ଥାନରେ ଏହି ବିଦେଶୀ ମଦ ଦୋକାନ ଯୋଗୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଥିବା ବେଳେ ନୀତି ପ୍ରତିଦିନ ଛୋଟବଡ ଅପ୍ରୀତିକର ଘଟଣା ଘଟୁଥିବା ନଜର ରହିଛି। ବିଭାଗୀୟ କର୍ମଚାରୀମାନେ ଜାଣିଶୁଣି ଏହି ନୋଟିସକୁ ସର୍ବସାଧାରଣ ସ୍ଥାନରେ ନ ଲଗାଇବା କିମ୍ବା ଢେଙ୍ଗୁରା ଦ୍ୱାରା ଲୋକଙ୍କୁ ଅବଗତ କରାନଯିବା ଘଟଣାରେ ଅବକାରୀ ବିଭାଗ ପ୍ରତି ସାଧାରଣରେ ସନ୍ଦେହ ପ୍ରକଟ ହୋଇଛି। ଏଣୁ ଜିଲା ଅବକାରୀ ଅଧୀକ୍ଷକ ଏଭଳି ତଞ୍ଚକତା ଘଟଣାର ତଦନ୍ତ କରିବା ସହିତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ କାଉନସିଲରମାନେ ଜିଲାପାଳଙ୍କଠାରେ ଦାଖଲ କରିଥିବା ଅଭିଯୋଗ ଫର୍ଦ୍ଦରେ ଦଶାଇର୍ଥିବା ଜଣାଯାଇଛି।

# ଆହାର କେନ୍ଦ୍ରରେ ମିଳୁନି ପିଇବା ପାଣି

**ଆନନ୍ଦପୁର ୮।୧ (ସମିସ)**



ପରିଦର୍ଶନ କଲେ ପୌର ଅଧିକାରୀ

ଆନନ୍ଦପୁର ବସ୍‌ଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ରରେ ପାନୀୟ ଜଳର ଅଭାବ ଯୋଗୁ ଲୋକେ ଖାଇସାରିବା ପରେ ଜଳ କଷ୍ଟରେ ହନ୍ତସନ୍ତ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅଭିଯୋଗ ପାଇବା ପରେ ଆନନ୍ଦପୁର ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳ ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ପରିଦର୍ଶନ କାଳରେ ପିଇବା ପାଣିର ସମସ୍ୟାରୁ ହିତାଧିକାରୀମାନେ ହନ୍ତସନ୍ତ ହେଉଥିବା ଅନୁଧ୍ୟାନ କରିବା ପରେ ଜିଲ୍ଲା ଆହାର ସମିତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ପ୍ରତିଦିନ ୫ଶହରୁ ଉର୍ଦ୍ଧ୍ୱ ୫ ଟଙ୍କିଆ ଭୋଜନ କରୁଥିବା ହିତାଧିକାରୀମାନଙ୍କ ସୁବିଧା ପାଇଁ ଖୁବ୍ ଶୀଘ୍ର ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବା ଦିଗରେ ପଦକ୍ଷେପ ନେବେ ବୋଲି ଶ୍ରୀ ବଳ ପ୍ରକାଶ କରିଛନ୍ତି। ଏହି କେନ୍ଦ୍ରରେ ଥିବା ପାନୀୟ ଜଳ ବ୍ୟବସ୍ଥା ଗତ ବର୍ଷେ ହେବ ଅଚଳ ହୋଇପଡିଛି। ଏହାର ମରାମତି କରାଯାଉନଥିବାରୁ ପାଣି ପାଇଁ ଏହି କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଏହି କେନ୍ଦ୍ରରେ ହିତାଧିକାରୀମାନେ ଖାଇସାରିବା ପରେ ପିଇବା ପାଣି ପାଇଁ ବାହାରକୁ ଯିବାକୁ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଏସମ୍ପର୍କରେ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉନଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ତେବେ ଆଜି ପୌର ଅଧିକାରୀ ଶ୍ରୀ ବଳ ଆହାର କେନ୍ଦ୍ର ପରିଦର୍ଶନ କରି ଲାଗି ରହିଥିବା ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରି ଖୁବଶୀଘ୍ର ଏହାର ସମାଧାନ କରିବାକୁ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

### ଗୁଡୁଗୁଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସେବାର ନୂଆ ଦିଗନ୍ତ

# ବର୍ଷକରେ ଗୃହପ୍ରସବ ଓ ଶିଶୁମାତୃ ମୃତ୍ୟୁ ଶୂନ୍

ଯଶିପୁର, ୮।୧ (ଆଶିଷ କୁମାର ବେହୁରା)

ଦୁର୍ଗମ ଓ ଆଦିବାସୀ ବହୁଳ ଅଞ୍ଚଳରେ ସୁରକ୍ଷିତ ପ୍ରସବ, ଶୂନ୍ୟ ଶିଶୁ ଓ ମାତୃ ମୃତ୍ୟୁ କଥା ହୁଏତ ସମସ୍ତଙ୍କୁ ସ୍ୱପ୍ନ ଭଳି ଲାଗିପାରେ; ହେଲେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅକ୍ଳାନ୍ତ ପ୍ରାୟାସ ଫଳରେ ସୁଉଚ୍ଚ ପାହାଡ଼ ଓ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଶିମିଳିପାଳରେ ଖାଲି ସ୍ୱାସ୍ଥ୍ୟସେବାର ଚିତ୍ର ବଦଳିନି, ଲୋକଙ୍କୁ ହାତପଆନ୍ତରେ ମିଳୁଛି ଉନ୍ନତ ଚିକିତ୍ସା ସୁବିଧା। ଶିମିଳିପାଳ ଅଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଗୁଡୁଗୁଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ଗତ ଏକବର୍ଷ ମଧ୍ୟରେ ଏହି ଡାକ୍ତରଖାନା ଅଧୀନରେ ଥିବା ଅଷ୍ଟକୁଆଁର, ବାରେହିପାଣି ଓ ଗୁଡୁଗୁଡ଼ିଆ ପଞ୍ଚାୟତରେ କୌଣସି ପ୍ରସୂତି କି ନବଜାତକର ମୃତ୍ୟୁ ହୋଇ ନ ଥିବା ଜଣାପଡିଛି। ବରଂ ସୁରକ୍ଷିତ ମାତୃତ୍ୱ ପାଇଁ ସମସ୍ତ ଆସନ୍ନ ପ୍ରସବା ଆଦିବାସୀ ମହିଳା ସ୍ୱେଚ୍ଛାକୃତଭାବେ ଏଠାକୁ ଆସିଥାନ୍ତି। ଫଳରେ ସ୍ୱାସ୍ଥ୍ୟ ଅଧିକାରୀ, ଫାର୍ମାସିଷ୍ଟ, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଉଦ୍ୟମରେ ଆଦିବାସୀ ଜନଜାତି ସମ୍ପ୍ରଦାୟକୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିଛି। ଶିମିଳିପଳ ଅପଘଞ୍ଚ ଇଲାକାର ଏହି ୩ଟି ପଞ୍ଚାୟତରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବନବାସୀ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଏହି କେନ୍ଦ୍ର ବନବାସୀଙ୍କ ପାଇଁ ଆଶାର କିରଣ ସାଜିଛି। ପୂର୍ବରୁ ବର୍ଷ ବର୍ଷ ଧରି ଶିମିଳିପାଳର ଜନଜାତି ବାସିନ୍ଦା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଆସିଛନ୍ତି। ସଚେତନତା ଅଭାବରୁ ବହୁ ଜୀବନ ଅକାଳରେ




ଚାଲିଯାଇଛି। ତେବେ ସ୍ୱାସ୍ଥ୍ୟ ଭିତ୍ତି ଭୂମିର ବିକାଶ ଫଳରେ ଏବେ ସବୁକିଛି ବଦଳି ଯାଇଛି। ଏହି ଡାକ୍ତରଖାନାରେ ସ୍ୱତନ୍ତ୍ର ୱାର୍ଡ ଆରମ୍ଭ କରି ମା' ଗୃହ, ପ୍ରସୂତି ଗୃହ, ପ୍ରସବ ଗୃହ, ଯୋଗ ଗୃହ, ଔଷଧୀୟ ବୃକ୍ଷଶାଳା ପ୍ରତିଷ୍ଠା କରାଯିବା ସାଙ୍ଗକୁ ପରିବେଶକୁ ଖୁବ ଆକର୍ଷଣୀୟ କରାଯାଇଛି। ଦୂରଦୂରାନ୍ତରୁ ଆସୁଥିବା ଗର୍ଭବତୀ ଏବଂ ଅନ୍ୟ ରୋଗୀଙ୍କୁ ଡାକ୍ତରଖାନାକୁ ଆଣିବା ଏବଂ ଚିକିତ୍ସା ପରେ ସେମାନଙ୍କୁ ଘରେ ଛାଡ଼ିବା ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବି ରହିଛି। ଏହାଛଡ଼ା ଜରୁରୀକାଳୀନ ସ୍ଥିତିରେ ଦୁର୍ଗମ ଗାଁରୁ ବାଇକ୍ ଆମ୍ବୁଲାନ୍ସ ଯୋଗେ ରୋଗୀଙ୍କୁ ଅଣାଯାଉଛି। ଦୈନିକ ଏହି ଡାକ୍ତରଖାନାକୁ ୪୦/୫୦ରୋଗୀ ଆସୁଛନ୍ତି। ପ୍ରତି ମାସରେ ପ୍ରାୟ ୫୦ ଗର୍ଭବତୀ ମଧ୍ୟ ଆସୁଛନ୍ତି ବୋଲି କେନ୍ଦ୍ରର ଅଧିକାରୀ ଡାକ୍ତର ଏ. ଖାଁ ଓ ଡା. ଭବାନୀଶଙ୍କର ମହାନ୍ତ କହିଛନ୍ତି। ରିପୋର୍ଟ ଅନୁସାରେ ୨୦୨୩ ଜାନୁୟାରୀରେ ଏଠାରେ ୩୫ ଜଣ ଗର୍ଭବତୀ ଓ ୨୪ ଜଣ ନବଜାତ ଶିଶୁ, ଫେବୃଆରୀରେ ୩୯ଜଣ ପ୍ରସୂତୀ ଓ ୩୪ ଶିଶୁ, ମାର୍ଚ୍ଚରେ ୩୯ ପ୍ରସୂତି ଓ ୩୧ ଶିଶୁ, ଏପ୍ରିଲରେ ୩୬ଜଣ ପ୍ରସୂତି ଓ ୨୯ ଶିଶୁ, ମେ ମାସରେ ୩୨ ପ୍ରସୂତି ଓ ୨୮ ଶିଶୁ, ଜୁନ୍‌ରେ ୩୨ପ୍ରସୂତୀ ୨୪ଶିଶୁ, ଜୁଲାଇରେ ୨୫ ପ୍ରସୂତି ଓ ୧୮ ଶିଶୁ, ଅଗଷ୍ଟରେ ୩୪ପ୍ରସୂତି ଓ ୨୫ଶିଶୁ, ସେପ୍ଟେମ୍ବରରେ ୩୩ପ୍ରସୂତି ଓ ୨୫ ଶିଶୁ, ଅକ୍ଟୋବରରେ ୩୦ ପ୍ରସୂତି ଓ ୨୩ଶିଶୁ, ନଭେମ୍ବରରେ ୩୧ପ୍ରସୂତି ଓ ୨୩ ଶିଶୁ, ଡିସେମ୍ବରରେ ୩୧ ପ୍ରସୂତି ଓ ୨୯ଶିଶୁଙ୍କର ସୁରକ୍ଷିତ ପ୍ରସବ ହୋଇଥିଲା। ଜନ୍ମିତ ଶିଶୁଙ୍କ ମଧ୍ୟରେ ୧୫୬ ଶିଶୁପୁତ୍ର ଥିବାବେଳେ ୧୫୭ କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। କେତେକ ଜଟିଳ ପରିସ୍ଥିତିରେ ଗର୍ଭବତୀଙ୍କୁ ଯଶିପୁର କିମ୍ବା କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଉଛି। ଏ ବାବଦରେରେ ପ୍ରସୂତିଙ୍କୁ ୪ଲକ୍ଷ ୩୮ ହଜାର ୨ଶହ ଟଙ୍କା ମଧ୍ୟ ସହାୟତା ଦିଆଯାଇଛି। ଏପରିକି ଶିମିଳିପାଳବାସୀଙ୍କ ପାଇଁ ସେବା କରୁଥିବା ଏଠାକାର କର୍ମଚାରୀଙ୍କ ମିଳିତ ଉଦ୍ୟମ ପାଇଁ ବିଗତ ଦୁଇ ବର୍ଷ ହେଲା ଏହି ଡାକ୍ତରଖାନାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଗୁଣବତ୍ତା ସାର୍ଟିଫିକେଟ ମାନ୍ୟତା ପ୍ରଦାନ କରାଯାଇଛି।

## ସହଦେବ ମେମୋରିଆଲ ଫୁଟବଲ ପ୍ରତିଯୋଗିତା



ଝରାଡିହି,୮।୧(ସମିସ): ଜାମଦା ବ୍ଲକ ବଡକୁଲେଇବିରା ପଞ୍ଚାୟତ ଲିପିଘୁଟୁ ଗ୍ରାମରେ ଲିଟା ହେମ୍ବ୍ରମ ଙ୍କ ସଭାପତିତ୍ୱରେ ଫୁଟବଲ ଏବଂ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫୁଟବଲ ପ୍ରତିଯୋଗିତାରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ବିଟିଏମସି ତିଲକାଗଡା ଟାଟା ନଗର ଜାମସେଦପୁର ଦଳକୁ ୧୫ ହଜାର ଟଙ୍କା, ଦ୍ୱିତୀୟ ଦାରୁସାହି ଝାଡଖଣ୍ଡ ଦଳକୁ ୧୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ମହିଳାଙ୍କୁ ପୁରସ୍କାର ବାବଦରେ ସୁନା ନାକଫୁଲ ପ୍ରଦାନ କରାଯାଇଥିଲା। ପୁରସ୍କାର ବଣ୍ଟନ ଉତ୍ସବରେ କମିଟି ପ୍ରେସିଡେଣ୍ଟ ପାରାଉଁ ମାରାଣ୍ଡି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସଂପାଦକ ଏସଟି ମୋର୍ଚ୍ଚା ଇଂ ରାମଚନ୍ଦ୍ର ହାଁସଦା, ମୁଖ୍ୟ ବ୍ୟକ୍ତା ଭାବେ ବଡକୁଲେଇବିରା ଗ୍ରାମପଞ୍ଚାୟତ ସମିତି ସଭ୍ୟ ମଧୁସୁଧନ ଟୁଡୁ, ସମ୍ମାନିତ ଅତିଥିଭାବେ ସରପଞ୍ଚ ବଡକୁଲେଇବିରା ଆଝ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ସହସହସଂପାଦକ ଗହାନ ମୁଣ୍ଡା ଧନ୍ୟବାଦ ଦେଇଥିଲେ।

## ସିଫା ତରଫରୁ ମାଛ ଯାଆଁଳ ଓ ସାମଗ୍ରୀ ବଣ୍ଟନ



ମହୁଲଡିହା,୮।୧ (ସମିସ): ଭୁବନେଶ୍ୱରର 'ସିଫା' ଏବଂ ଠାକୁରମୁଣ୍ଡାର 'ପ୍ରଦାନ' ପକ୍ଷରୁ ସାତକୋଶିଆ ପଞ୍ଚାୟତରେ ମାଛଚାଷ ସଂପର୍କିତ ତାଲିମ ଏବଂ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଫାର ବରିଷ୍ଠ ବୈଜ୍ଞାନିକ ଡ. ଖୁଣ୍ଟିଆ ମୁର୍ମୁ, ଡ. ଲକ୍ଷ୍ମଣ ସାହୁ, ଡ. ପ୍ରିୟବ୍ରତ ସ୍ୱାଇଁ, ଡ. ଜିତେନ୍ଦ୍ର କୁମାର ସୁନ୍ଦରାୟ ଓ ଡ. ସଂଗ୍ରାମ ସାହୁ ଯୋଗଦେଇ ତାଲିମ ଦେଇଥିଲେ। ପ୍ରଦାନ ସେଚ୍ଛାସେବୀ ଅନୁଷ୍ଠାନର ଦୀପକ କୁମାର ଜେନା, ମାର୍କଣ୍ଡେୟ ମହାପାତ୍ର ଓ ମୌଲି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଟ୍ରେନିଂ କାର୍ଯ୍ୟକ୍ରମ ଅନ୍ତର୍ଗତ ଦୁଇଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଉନ୍ନତ ମାନର ମାଛ ଯାଆଁଳ, ମାଛ ଖାଦ୍ୟ ପ୍ରସ୍ତୁତି ମେସିନ, ପାଣି ପମ୍ପ, ଚୂନ, ବାଦାମ ପିଡିଆ ଆଦି ସାମଗ୍ରୀ ବଣ୍ଟନ କରାଯିବା ସହିତ ମାଛ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣରେ ମୁଖ୍ୟତଃ ପୋଖରୀ ଜଳକୁ ସଫା ରଖିବା, ଉନ୍ନତ ମାନର ମାଛ ଯାଆଁଳ ଚିହ୍ନି ପୋଖରୀରେ ଛାଡିବା, ନିୟମିତ ଉନ୍ନତ ମାନର ଖାଦ୍ୟ ଦେବା, ରୋଗ ଚିହ୍ନଟକରଣ ଏବଂ ଉପଚାର ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ସରପଞ୍ଚ ଚାନ୍ଦମଣି ଜାରିକା ଯୋଗଦେଇ ମହିଳା ଚାଷୀଙ୍କୁ ଉଦବୋଧନ ଦେଇଥିଲେ।

## ବୁରୁଡିହିରେ ନିଶାମୁକ୍ତ ଅଭିଯାନ

ବିଜାତଳା,୮।୧(ସମିସ): ଜୁଡ଼ିଆ ସ୍ଥିତ ବୁରୁଡିହି ସାହିରେ ନିଶା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଭାଗବତ ହେମ୍ବ୍ରମଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧିକାରୀ ମୋଚିରାମ ବାସ୍କେ, ମୁଖ୍ୟବକ୍ତା ଭାବେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ରାମ, ସମ୍ମାନିତ ଅତିଥି ଭାବେ ସହିଦ ନୁଦୁରାମ ଟ୍ରଷ୍ଟର ମୁଖ୍ୟ ମନୋରଞ୍ଜନ ହାଁସଦା, ଶିକ୍ଷକ ଭବାନୀଶଙ୍କର ଗିରି ଯୋଗ ଦେଇଥିଲେ। ନିଶା ନିବାରଣର ଉପରେ ତଥ୍ୟଭିତ୍ତିକ ମତାମତ ଉପସ୍ଥାପନ କରିଥିଲେ। ସଭ୍ୟ ଭୀମ ଚରଣ ହେମ୍ବ୍ରମ, ଧୋନୀ ଗୋଇପାଇ ଅନୁଷ୍ଠାନର ବହୁବିଧ ଦିଗ ଉପରେ ବର୍ଣ୍ଣନା କରିଥିଲେ। ସଦସ୍ୟ ଗଣେଶ ହାଁସଦା, ବିଜୟ ପ୍ରକାଶ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗାଁର ମାଝୀ ବାବା, ନାଇକେ ବାବାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ପଞ୍ଚାୟତ ପ୍ରତିନିଧିଙ୍କୁ ଉପେକ୍ଷା; ଜିଲ୍ଲାପାଳଙ୍କୁ ଦାବିପତ୍ର



ଖୁଣ୍ଟା,୮।୧(ସମିସ): ଗଣତନ୍ତ୍ର ବିଧିବ୍ୟବସ୍ଥାରେ ନିର୍ବାଚିତ ଲୋକପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଉନ୍ନୟନ କାର୍ଯ୍ୟଗୁଡ଼ିକ ସରପଞ୍ଚଙ୍କ ଦାୟିତ୍ୱରେ କାର୍ଯ୍ୟକାରୀ କରାଯାଉଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆମ ଓଡ଼ିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ଉନ୍ନତିକରଣ କ୍ଷେତ୍ରରେ ଏହା ବ୍ୟତିକ୍ରମ ଦେଖାଦେଇଛି; ଯାହାକୁ ନେଇ ସରପଞ୍ଚଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ସରକାର ଏହି ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପଞ୍ଚାୟତରାଜି ଦିବସ ମଧ୍ୟ ପାଳନ କରିଥାନ୍ତି; ମାତ୍ର ଏବେ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଥିବା ନେଇ ଅଭିଯୋଗ କରିଛନ୍ତି ସରପଞ୍ଚ। ଏହି ଯୋଜନା ଜରିଆରେ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମ ସଂପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ଉପେକ୍ଷା କରାଯାଉଥିବା ମଧ୍ୟ ଅଭିଯୋଗ କରିଛି ଗୋପବନ୍ଧୁନଗର ବ୍ଲକ ସରପଞ୍ଚ ସଂଘ। ଏ ନେଇ ସଂଘ ପକ୍ଷରୁ ଏକ ଦାବି ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

## ମୟୂରୀ ପକ୍ଷରୁ 'ହେଲୋ-୨୦୨୪' ସ୍ୱାଗତ କାର୍ଯ୍ୟକ୍ରମ

ବାରିପଦା ୮।୧(ସମିସ): ସଂସ୍କାର ଶିଶୁ ମହୋତ୍ସବ କମିଟି 'ମୟୂରୀ' ତରଫରୁ ଶିଶୁ ଉଦ୍ୟାନ ପରିସର ବ୍ୟାଣ୍ଡ ଷ୍ଟାଣ୍ଡଠାରେ ଇଂରାଜୀ ନବବର୍ଷକୁ ସ୍ୱାଗତ ପାଇଁ 'ହେଲୋ-୨୦୨୪' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୀତ, ନୃତ୍ୟ ଓ ବାଦ୍ୟର ତାଳେ ତାଳେ କୁନି କୁନି ପିଲାମାନେ ନିଜର ପ୍ରତିଭା ପ୍ରଦର୍ଶନ କରି ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ପୂର୍ଣ୍ଣଚନ୍ଦ୍ରପୁର ଉ ପ୍ରା ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତ ରୂପକ ଆମେ ପଢିବା ପରିବେଷିତ ହୋଇଥିଲା। ଏହି ନୃତ୍ୟରେ ମନ୍ତ୍ରମୁଗ୍ଧ ହୋଇ ଉପସ୍ଥିତ ଅତିଥି ପ୍ରଭାତ ମଞ୍ଜରୀ ଦାସ ଶର୍ମା ୫୦୫ ଟଙ୍କା ପ୍ରୋତ୍ସାହନ ରାଶି ଦେଇ ପୁରସ୍କୃତ କରିଥିଲେ। ପରେ ସ୍କୁଲ୍ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟର କୁନି କୁନି କଳାକାର ନୃତ୍ୟ ପରିବେଷଣ କରିଥିଲେ। ଶିଶୁ ଉଦ୍ୟାନରେ ଭରପୂର ଦର୍ଶକ ନୃତ୍ୟ ଓ ଗୀତର ସନ୍ଧ୍ୟାକୁ ଉପଭୋଗ କରିଥିଲେ। ଅନୁଷ୍ଠାନର ସଦସ୍ୟ ବିପ୍ଳବ ଦାଶ ମଞ୍ଚ ପରିଚାଳନା କରିଥିଲେ। ସଂପାଦକ ସଞ୍ଜୟ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତି କାର୍ଯ୍ୟକ୍ରମରେ ପ୍ରଫେସର ଡଃ ବନଜା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପସଭାପତି ମନୋଜ କୁଆଁର, କମିଟିର ମୁଖ୍ୟ ପରାମର୍ଶଦାତା ବିବେକାନନ୍ଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ



ପଣ୍ଡା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ତରୁଣ କୁମାର ଓଝା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଶ୍ୟାମସୁନ୍ଦର୍ ଦାସ, ଡ. ମିନତୀ ମଲ୍ଲିକ, ସୁନୀତା କୁଆଁର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଉଦ୍ଧାର; ଅପହରଣକାରୀ କୋର୍ଟଚାଲାଣ

ବେତନଟୀ,୮।୧(ସମିସ): ଗତ ୨୦୨୩ ମସିହାରେ ମାମୁଘରକୁ ଆସିଥିବା ଜଣୈକା ନାବାଳିକାକୁ ଅପହରଣକରି ଫେରାର ଥିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଅପହରଣକାରୀ ଜଣକ ହେଉଛି ବଡସାହି ଥାନା ଅଧୀନ ଆରପଟା ଗ୍ରାମର ସୁରୁବାବୁ ନାଏକର ପୁଅ ରାଜୁ ନାଏକ(୨୪)। ମୋରଡା ଥାନା ଇଲାକାର ଜଣୈକା ନାବାଳିକା ନିଜର ମାମୁଁଘର ବେତନଟୀ ଥାନା ଇଲାକାକୁ ବୁଲିବାକୁ ଆସିଥିବା ବେଳେ ଅଭିଯୁକ୍ତ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ ପୂର୍ବକ ଚମ୍ପଟ ମାରିଥିଲା। ଏନେଇ ପୀଡିତାଙ୍କ ପରିବାରବର୍ଗ ବେତନଟୀ ଥାନାର ଦ୍ୱାରସ୍ଥ ହେବାପରେ ସେତେବେଳେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଶେଷରେ ବିଶ୍ୱସ୍ତସୂତ୍ରରୁ ଖବରପାଇ ଖୁଣ୍ଟାଥାନା ଇଲାକାରେ ଚଢାଉକରି ଅଭିଯୁକ୍ତର ସମ୍ପର୍କୀୟ ଘରୁ ପୀଡିତାଙ୍କୁ ଉଦ୍ଧାର କରିବା ସହିତ ଅପହରଣକାରୀକୁ ଗିରଫ କରିଥିଲା ବେତନଟୀ ପୁଲିସ। ଏହାପରେ ପୀଡିତାଙ୍କ ବୟାନ ରେକର୍ଡ କରାଇବା ସହିତ ବିବାହର ପ୍ରଲୋଭନ ଦେଖାଇ ଅପହରଣ ଏବଂ ଶୋଷଣ କରିବା ଅପରାଧରେ ଅଭିଯୁକ୍ତକୁ ରବିବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟଚାଲାଣ କରିଥିଲା ପୁଲିସ। ଜାମିନ ନାମଞ୍ଜୁର ହେବାରୁ ବାରିପଦାସ୍ଥିତ ବିବାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଉପଖଣ୍ଡସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର

ରାଇରଙ୍ଗପୁର,୮।୧(ସମିସ): ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ଶିବିରରେ ଏସ୍‌ପି ଏସ ସୁଶ୍ରୀ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ଓ ଜାମଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଜନସାଧାରଣଙ୍କଠାରୁ ଆସୁଥିବା ଆପତ୍ତି ଅଭିଯୋଗଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ୪୯ଟି ଅଭିଯୋଗପତ୍ର ଗ୍ରହଣ ହୋଇଥିଲା। ସେଥିରୁ ୪୧ଟି ବ୍ୟକ୍ତିଗତ ଏବଂ ୮ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଶିବିରରେ ୬ ଜଣ ଆବେଦନ କାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୩ ହଜାର ଟଙ୍କା ଜିଲ୍ଲାପାଳ ମଂଜୁର କରିଛନ୍ତି। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟା ରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଡିଏସ୍ ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିସଭା



ଉଦଳା, ୮।୧(ସମିସ): ଆର୍‌ଡିଏସ୍ ମହାବିଦ୍ୟାଳୟର ଭୂମିଦାତା ତଥା ପ୍ରତିଷ୍ଠାତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଗିରିଙ୍କ ଷଷ୍ଠତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ କଲେଜ ପରିସରରେ ଏକ ସ୍ମୃତିଚାରଣ ସଭା +୨ ଅଧ୍ୟକ୍ଷ ଅରବିନ୍ଦ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ହରିମୋହନ ବେହେରା, ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ସୌମେନ୍ଦ୍ର ଦାଶ ଯୋଗଦେଇ ପ୍ରଥମେ କଲେଜ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଲେଜର ସମ୍ମିଳନୀ କକ୍ଷରେ ଅୟୋଜିତ ସଭାରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କର ଗୁଣ ଗାରିମା ବିଷୟରେ ବର୍ଣ୍ଣନା କରିଥିଲେ। ଆଦିବାସୀ ଅଧ୍ୟୁଷିତ ପାହାଡ, ବଣ ଜଙ୍ଗଲ ଘେରା ନିପଟ ମଫସଲ ଅଞ୍ଚଳ କୁଣ୍ଡାବାଇକୁ ଗମନାଗମନର ବିଶେଷ ସୁବିଧା ନ ଥିଲା; କିନ୍ତୁ ସ୍ୱର୍ଗତ ଗିରିଙ୍କର ଦୂରଦୃଷ୍ଟି ଏବଂ ଅଞ୍ଚଳର ଶିକ୍ଷାର ବିକାଶ ଲାଗି ସେ ଦେଖିଥିବା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଏକ କଲେଜ ପ୍ରତିଷ୍ଠା ନିମନ୍ତେ ନିଜର ଭୂମିଦାନ କରିଥିଲେ। ଏଥିସହିତ କୁଣ୍ଡାବାଇ ହାଇସ୍କୁଲ୍ ପାଇଁ ଜମି ଦାନ, କୁଣ୍ଡାବାଇ ଫାଣ୍ଡି ଓ ପଶୁ ଡାକ୍ତରଖାନା ନିର୍ମାଣ, ବଡ଼ଖମଣ ଠାରେ ଜୟ ଖଣ୍ଡେଶ୍ୱର, ବୀର ଖଣ୍ଡେଶ୍ୱର ଶୈବ ପୀଠ ନିର୍ମାଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ସୁପୁତ୍ର ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଏହି କଲେଜକୁ ଆଜି ଏକ ମହାଦ୍ରୁମରେ ପରିଣତ କରିଛନ୍ତି। ଓଡ଼ିଶାର ବିଭିନ୍ନ୍ ପ୍ରାନ୍ତରରୁ ଛାତ୍ରଛାତ୍ରୀ ଏଠାରେ ଶିକ୍ଷାଲାଭ କରୁଛନ୍ତି। ଅଧ୍ୟାପକ ଡ. ଅଜିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ୍ତାହିକ ହାଟରୁ ବାଇକ୍ ଚୋରି

କୁଆମରା, ୮।୧(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଭୋଳାଗଡିଆ ସାପ୍ତାହିକ ହାଟରୁ ରବିବାର ଏକ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ଚାପଲଡିହି ଗ୍ରାମର ଚୈତନ୍ୟ ହେମ୍ବ୍ରମ ହାଟକୁ ସଉଦା କରିବାକୁ ଆସିଥିଲେ। ତେବେ ହାଟ ମୁଣ୍ଡରେ ତାଙ୍କ ବାଇକକୁ ରଖି ଅଧଘଣ୍ଟାଏ ପରେ ସଉଦା ସାରି ଫେରିବା ବେଳକୁ ବାଇକଟି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

## ମଦ୍ୟପ ବାଇକ ଚାଳକ ଗିରଫ

କୁଆମରା,୮।୧(ସମିସ): ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗତକାଲି ପୁଲିସ ଗିରଫ କରିଛି। ସବ ଇନିସପେକ୍ଟର ସସ୍ମିତା ମୁର୍ମୁଙ୍କ ତତ୍ତ୍ୱାବଧାନରେ ଖୁଣ୍ଟା ପୁଲିସ ୧୯ ନମ୍ବର ରାଜ୍ୟ ରାଜପଥରେ ବାଇକ ତଥା ଯାନବାହନ ଯାଞ୍ଚ କରୁଥିବା ସମୟରେ ବଡସାହି ଥାନା ଅନ୍ତର୍ଗତ ବେଲାମ ଗ୍ରାମର ବୁଧିଆ ସିଂ ଏକ ବାଇକ ଯୋଗେ ମଦପିଇ ଘରକୁ ଫେରୁଥିବା ବେଳେ ଧରାପଡିଥିଲେ। ବାଇକକୁ ପୁଲିସ ଜବତ କରିବା ସହିତ ଏକ ମାମଲା ରୁଜୁ କରିଛି।

## ଉଦଳା ସାମ୍ବାଦିକ ପରିବାରର ବନ୍ଧୁମିଳନ



ଉଦଳା, ୮।୧(ସମିସ): ରବିବାର ଉଦଳା ସାମ୍ବାଦିକ ପରିବାରର ଏକ ବନ୍ଧୁମିଳନ ଉତ୍ସବ କପ୍ତିପଦା ବ୍ଲକ ବିଶଳ ନିକଟ ରାଣୀବନ୍ଧଠାରେ ଆୟୋଜିତ ହୋଇଯାଇଛି। ଏହି ବନ୍ଧୁ ମିଳନ ଉତ୍ସବରେ ଉପଖଣ୍ଡର ସମସ୍ତ ସାମ୍ବାଦିକ ଏକାମନା ହୋଇ ମା', ମାଟି ଓ ସ୍ୱାଭିମାନ ପାଇଁ କଲମ ଚଳାଇବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହି ଅବସରରେ ଏକ ଭୋଜିର ଆୟୋଜନ ହୋଇ ନବବର୍ଷକୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇଥିଲେ। ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ଅରୁଣ ମହାନ୍ତି, ଆନନ୍ଦ ଦାସ, ଦୀନବନ୍ଧୁ ବାରିକ, କରୁଣା କର ଦାସ, ସର୍ବେଶ୍ୱର ମହାପାତ୍ର, ସନ୍ତୋଷ ବାଛିନୀ, ସୁରେଶ୍ୱର ଜେନା, ଯୋଗେନ୍ଦ୍ର ମହାପାତ୍ର ସମେତ ହିମାଦ୍ରୀ ଶେଖର ପାଲ, ସଲାଏ ମାରାଣ୍ଡି, ଦିଲ୍ଲୀପ କଲିଆ, ମାନସ ପାଣି, ଜଗବନ୍ଧୁ ପ୍ରଧାନ, କୃଷ୍ଣ ଚୈତନ୍ୟ ସଦୁଆଲ, ଶଶିକାନ୍ତ ମିଶ୍ର, ଶ୍ରୀକାନ୍ତ ବେହେରା, ବୁଲୁ ପତି, ଦୀପକ ପରିଡା, ତପନ ସେଠୀ, ଆଲୋକ ବେହେରା, ଅଭିଜିତ ବେହେରା, ଅତନୁ ତ୍ରିପାଠୀ, କୁନା ରଣା, ଦିଲ୍ଲୀପ ପରିଡ଼ା, ଚନ୍ଦ୍ରଶେଖର ପରିଡ଼ା, ଶ୍ୱେତସୁନ୍ଦର ମଲିକ, ରାଜୁ ମିଶ୍ର, ଦେବଦତ୍ତ ଦାସ, କୁନମୁନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରସ୍ତୁତି ବୈଠକ

## ସରନା ଧର୍ମକୋଡ୍ ମାନ୍ୟତା ଦାବିରେ ଏପ୍ରିଲ ୭ ଭାରତ ବନ୍ଦ ଚେତାବନୀ

ବାରିପଦା, ୮।୧(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନର ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ବାରିପଦା କ୍ଲବରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସାର୍ନା ଧର୍ମ କୋଡ ମାନ୍ୟତା ଦାବିରେ ଆସନ୍ତା ଏପ୍ରିଲ ୭ ଭାରତ ବନ୍ଦ ଡାକରା ପାଇଁ ଚେତାବନୀ ଦେଇଛନ୍ତି। କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏବଂ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ସାର୍ନା ଧର୍ମ କୋଡ ମାନ୍ୟତା ଦେବାର ସଂକେତ ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମାନ୍ୟତା ପ୍ରଦାନ କରିନାହାଁନ୍ତି। ତେଣୁକରି ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାର୍ନା ଧର୍ମ କୋଡର ମାନ୍ୟତା ପ୍ରଦାନ ନ କଲେ ରାଷ୍ଟ୍ରୀୟ ସଭାପତି ପୂର୍ବତନ ସାଂସଦ ସାଲଖାନ ମୁର୍ମୁ ନିର୍ଦ୍ଦେଶକ୍ରମେ ଏପ୍ରିଲ ୭ତାରିଖରେ ଭାରତ ବନ୍ଦ କରାଯିବ। ବୈଠକରେ ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ଜୋନାଲ ସେଙ୍ଗେଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ସାରନା ଧର୍ମ ମାଡୱା ସଭାପତି ହାମ୍ବ୍ରାଇ ମାର୍ଣ୍ଡି, ବାଲେଶ୍ୱର ଜିଲ୍ଲା ସେଙ୍ଗେଲ ସଭାପତି ନିରଞ୍ଜନ ମାର୍ଣ୍ଡି, ଉଦୟନାଥ ହେମ୍ବ୍ରମ, ବନମାଳୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।କରିଥିଲେ। ସଂପାଦକ ସଞ୍ଜୟ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତି କାର୍ଯ୍ୟକ୍ରମରେ ପ୍ରଫେସର ଡଃ ବନଜା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପସଭାପତି ମନୋଜ କୁଆଁର, କମିଟିର ମୁଖ୍ୟ ପରାମର୍ଶଦାତା ବିବେକାନନ୍ଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ତରୁଣ କୁମାର ଓଝା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଶ୍ୟାମସୁନ୍ଦର୍ ଦାସ, ଡ. ମିନତୀ ମଲ୍ଲିକ, ସୁନୀତା କୁଆଁର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

